

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୮ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 APRIL 2023
Vol.No. 34 ■ No. 92 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତିହାର ଜେଲରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଲେ ମନୀଷ ସିସୋଦିଆ :

# ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ କଟାକ୍ଷ

ନୂଆଦିଲ୍ଲୀ, ୦୭/୦୪ : ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଜେଲରେ ଥିବା ଦିଲ୍ଲୀ ସରକାରଙ୍କ ପୂର୍ବତନ ମନ୍ତ୍ରୀ ମନୀଷ ସିସୋଦିଆ ଦେଶବାସୀଙ୍କ ଉର୍ଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି । ଏହି ଚିଠିରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି । ସିସୋଦିଆ ତାଙ୍କ ଚିଠିରେ ଲେଖିଛନ୍ତି କି 'ମୋଦୀ ଗର୍ବରେ କହୁଛନ୍ତି କି, ଗାଁ ସ୍କୁଲ ପର୍ଯ୍ୟନ୍ତ ତାଙ୍କର ପାଠପଢା ହୋଇଥିଲା' । କମ୍ପାନୀମାନେ ମ୍ୟାନେଜର ପୋଷ୍ଟ ପାଇଁ ନିଯୁକ୍ତି ଦେବା ବେଳେ ଶିକ୍ଷିତ ଲୋକ ଖୋଜୁଛନ୍ତି । ହେଲେ ଦେଶର ସବୁଠାରୁ ବଡ ମ୍ୟାନେଜର ଶିକ୍ଷିତ ହେବା ଆବଶ୍ୟକ କି ନୁହେଁ ସିସୋଦିଆ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଛନ୍ତି । କେବଳ ସେତିକି ନୁହେଁ ସେ ପ୍ରଧାନମନ୍ତ୍ରୀଙ୍କୁ କଟାକ୍ଷ କରି ଲେଖିଛନ୍ତି କି, ଗୋଟିଏ ବର୍ଷରେ ଦେଶରେ ୬୦ ହଜାର ସରକାରୀ ସ୍କୁଲ ବନ୍ଦ କରିଦିଆଗଲା । ଗୋଟିଏ ପଟେ ଦେଶରେ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ସରକାର ସରକାରୀ ସ୍କୁଲ ସଂଖ୍ୟା ବୃଦ୍ଧି କରିବା ସ୍ଥାନରେ ସରକାରୀ ସ୍କୁଲ ବନ୍ଦ କରିବାରେ ଲାଗିଛନ୍ତି । ସିସୋଦିଆ କହିଛନ୍ତି କି, ଯେଉଁ ଦେଶର ପ୍ରଧାନମନ୍ତ୍ରୀ ଅଳ୍ପ ଶିକ୍ଷିତ ବୋଲି ନିଜକୁ ଗର୍ବ କରନ୍ତି ସେ ଦେଶର ସାଧାରଣ ପିଲାଙ୍କ ପାଇଁ ଭଲ ଶିକ୍ଷାର ବ୍ୟବସ୍ଥା କେବେ ହୋଇପାରିବ ନାହିଁ । ଚଳିତବର୍ଷ ୬୦ ହାଜର ସରକାରୀ ସ୍କୁଲ ବନ୍ଦ କରିବା ଏହାର ପ୍ରମାଣ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅଳ୍ପ ଶିକ୍ଷା କାରଣରୁ ଅନ୍ୟଦେଶମାନେ ଏହାର ଫାଇଦା ଉଠାଉଥିବା କଥା ମଧ୍ୟ ସିସୋଦିଆ କହିଛନ୍ତି । ସିସୋଦିଆ କହିଛନ୍ତି କି ଅନ୍ୟଦେଶମାନଙ୍କର ରାଷ୍ଟ୍ରମୁଖ୍ୟ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କାନ୍ଧରେ କାନ୍ଧ ମିଳାନ୍ତି ସେମାନେ ତାର ଦାମ ମଧ୍ୟ ନେଇଯାଆନ୍ତି ।



ଅର୍ଥାତ ପ୍ରଧାନମନ୍ତ୍ରୀଙ୍କ ଅଶିକ୍ଷାର ସୁଯୋଗ ନେଇ ସେମାନେ ବିଭିନ୍ନ ଚୁକ୍ତିରେ ଦସ୍ତଖତ କରାଇ ନିଅନ୍ତି ବୋଲି ସିସୋଦିଆ କଟାକ୍ଷ କରିଛନ୍ତି ।

## ରାଜ୍ୟରେ ହେବନି ଆଗୁଆ ନିର୍ବାଚନ

ଭୁବନେଶ୍ୱର, ୦୭/୦୪ : ରାଜ୍ୟରେ ଆଗୁଆ ନିର୍ବାଚନ କଳ୍ପନାଜଳ୍ପନାକୁ ଖଣ୍ଡନ କରିଛି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପିଆରଓ ପ୍ରତିକ୍ରିୟା ଦେଇଛନ୍ତି ଯେ ଇଭିଏମ୍ ମେସିନ୍ ଗୁଡିକର ନିଶ୍ଚିତ ଅବଧି ରହିଥାଏ । ଫ୍ୟାକ୍ଟ୍ରିରେ ତିଆରି ଇଭିଏମ୍ ଗୁଡିକୁ ଭବିଷ୍ୟତରେ ନିର୍ବାଚନରେ ବ୍ୟବହାର କରିବାପାଇଁ ଓଡିଶା ସମେତ ବିଭିନ୍ନ ରାଜ୍ୟକୁ ପଠାଯାଇଛି । ରାଜ୍ୟରେ ଆଗୁଆ ନିର୍ବାଚନ ହେବା ନେଇ ଏହା ସହ କୌଣସି ସମ୍ପର୍କ ନାହିଁ । ବିଭିନ୍ନ ଗଣମାଧ୍ୟମରେ ଆଗୁଆ ନିର୍ବାଚନ ନେଇ ଖବର ପ୍ରସାରଣ ହେଉଛି । ଏଭଳି ଖବର ପ୍ରସାରଣରୁ ନିବୃତ ରହିବାକୁ ସେ କହିଛନ୍ତି ।

## ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାଜପାରେ ଯୋଗଦେଲେ

ନୂଆଦିଲ୍ଲୀ, ୦୭/୦୪ : ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କିରଣ କୁମାର ରେଡ୍ଡୀ ଶୁକ୍ରବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗ ଦେଇଛନ୍ତି । ସେ ଗତ କିଛି ଦିନ ତଳେ କଂଗ୍ରେସରୁ ଇସ୍ତଫା ଦେଇଥିଲେ । ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କିରଣ ରେଡ୍ଡୀଙ୍କୁ ଭାଜପାର ସଦସ୍ୟତା ଦେଇଛନ୍ତି । ଏହି ଅବସରରେ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ, କିରଣ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପ୍ରଭାବିତ ହୋଇ ଭାଜପାରେ ଯୋଗଦାନ କରିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୧୦୪ କରୋନା ରୋଗୀ ଚିହ୍ନଟ

ଭୁବନେଶ୍ୱର, ୦୭/୦୪ : ଗତ ୨୪ ଘଂଟାରେ ରାଜ୍ୟରେ ୧୦୪ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତଚି । ମୋଟ ସକ୍ରିୟ ରୋଗୀ ସଂଖ୍ୟା ୪୨୯କୁ ବୃଦ୍ଧି ପାଇଛି । ସେହିପରି ଗତ ଦିନକ ମଧ୍ୟରେ ୩୪ ରୋଗୀ ସୁସ୍ଥ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଜାପାନ ଗସ୍ତକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

## ବିଜେପି କହିଲା ପୁରୁଣା ବହିରେ ନୂଆ ମଲାଟ ମଡ଼ାଉଛନ୍ତି ସରକାର



ନୂଆଦିଲ୍ଲୀ, ୦୭/୦୪ : ଜାପାନରେ ଓଡ଼ିଶା ଇନଭେଷ୍ଟର ମିଟ୍‌କୁ ନେଇ ପ୍ରଶ୍ନ ଉଠାଇଛନ୍ତି ଉଭୟ ବିଜେପି ଓ କଂଗ୍ରେସ । ଜାପାନରୁ ନୂଆ ଶିଳ୍ପ ଆସୁଛି ନା ପୁରୁଣା ବହିରେ ନୂଆ ମଲାଟ ମଡାଉଛନ୍ତି ରାଜ୍ୟ ସରକାର । ଏଭଳି ପ୍ରଶ୍ନ କରିଛନ୍ତି ରାଜ୍ୟ ବିଜେପି ମୁଖ୍ୟପାତ୍ର ସତ୍ୟବ୍ରତ ପଣ୍ଡା । ମୁଖ୍ୟମନ୍ତ୍ରୀ ସପ୍ତାହ ପାଇଁ ଜାପାନ ଗସ୍ତରେ ଯାଇଛନ୍ତି । କିନ୍ତୁ ୫ରୁ ୬ ଘଣ୍ଟାର କାର୍ଯ୍ୟକ୍ରମ ଥିଲା । ବାକି ସମୟ ମୁଖ୍ୟମନ୍ତ୍ରୀ ଛୁଟି କଟାଇବାକୁ ଯାଇଥିବା କହି କଟାକ୍ଷ କରିଛନ୍ତି ବିଜେପି ମୁଖପାତ୍ର । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାପାନ ଗସ୍ତରେ ଯାଇଥିବା ବେଳେ ଓଡ଼ିଶାରେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ସେଠାକାର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଭାରତ ସହ ଜାପାନର ଭଲ ସମ୍ପର୍କ ଥିବାରୁ ନିପନ ଏଠାରେ ପ୍ଲାଣ୍ଟ ପ୍ରତିଷ୍ଠା କରୁଛି ବୋଲି କହିଛନ୍ତି ସତ୍ୟବ୍ରତ ପଣ୍ଡା । କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ଓଡ଼ିଆ ଅଫିସରମାନେ ଜାପାନ ଯାଇ ମଉଜ କରୁଛନ୍ତି । ଅଫିସରମାନେ ହୋଟେଲରେ ଖାଇପିଇ ଟୁରିଷ୍ଟ ସ୍ଥାନ ବୁଲୁଛନ୍ତି ବୋଲି କହିଛନ୍ତି ସୁର । ବିରୋଧୀଙ୍କ ଅଭିଯୋଗର ଜବାବ ରଖିଛି ବିଜେଡି । ଜାପାନର ନିପନ ଷ୍ଟିଲ ପ୍ଲାଣ୍ଟ ଓଡ଼ିଶାରେ ଏକ ବିଶାଳ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯୋଜନା ରଖିଥିବା ମୁଖ୍ୟମନ୍ତ୍ରୀ କହିଥିଲେ ।

## ୨ ଦିନ ଯାଏଁ କାଳବୈଶାଖୀ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୦୭ ଏପ୍ରିଲ – ପଶ୍ଚିମା ଝଡ ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ୮ ତାରିଖରେ ସୁନ୍ଦରଗଡ , କେନ୍ଦୁଝର,ଦେବଗଡ, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ମୟୁରଭଂଜ , ନୂଆପଡା, ବଲାଙ୍ଗିର, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବରଗଡ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ କାଳବୈଶାଖୀ ବର୍ଷା ଏବଂ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ▶▶ପୃଷ୍ଠା ୭

# ଏଣିକି ଓଡ଼ିଆ ଫଳକ ବାଧ୍ୟତାମୂଳକ: ୭ଦିନିଆ ନୋଟିସ୍ ପରେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ଓଡିଆରେ ନାମଫଳକ ଲେଖିବା ପାଇଁ ରାଜ୍ୟ ସରକାର ପୂର୍ବରୁ ନିୟମ କରିଛନ୍ତି । କିନ୍ତୁ ନିୟମ କେମିତି ପାଳନ ହେଉଛି ଏସବୁ ହେଉଛି ତାର ପ୍ରମାଣ । ରାଜ୍ୟ ସରକାରଙ୍କ ନିୟମକୁ କିଛି ବ୍ୟବସାୟୀ ଏମିତି ମାନୁଛନ୍ତି । ଯାହାକୁ ନେଇ ପୁଣି ଥରେ କଡା ଆଭିମୁଖ୍ୟ ଦେଖାଇଛନ୍ତି ରାଜ୍ୟ ସରକାର । ଯେଉଁ ବ୍ୟବସାୟୀମାନେ ଓଡିଆରେ ନାମଫଳକ ଲେଖୁନଥିଲେ ସେମାନେ ଆଉ ଖସି ପାରିବେନି । ବାଧ୍ୟତାମୂଳକ ଭାବେ ଓଡ଼ିଶାର ସବୁ ଦୋକାନ ଓ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ନାମ ଫଳକ ଲେଖିବେ । ଯେଉଁମାନେ ଏଥିରେ ଖିଲାପ କରିବେ ସେମାନଙ୍କୁ ୭ ଦିନିଆ ନୋଟିସ୍ ଦିଆଯିବ । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣାଇ ଦିଆଯାଇଛି । ଏହା ପରେ ଯଦି ସେମାନେ ଓଡ଼ିଆରେ ନାମ ଫଳକ ନଲେଖନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜରିମାନା ସହ ଆବଶ୍ୟକ ସ୍ଥଳେ ଦୋକାନ ଅବା ସଂସ୍ଥାର ଲାଇସେନ୍ସ ରଦ୍ଦ କରାଯିବ । ପ୍ରଥମ ଥର ଖିଲାପକାରୀଙ୍କୁ ୫ହଜାର ଟଙ୍କା, ଦ୍ୱିତୀୟ ଥର ଖିଲାପକାରୀଙ୍କୁ ୨୫ହଜାର ଟଙ୍କା ଦଣ୍ଡ ଗଣିବାକୁ ପଡିବ । ଚଳିତ ମାସ ସୁଦ୍ଧା ନିୟମ ପାଳନ ନହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ନିୟମ କିପରି କଡାକଡି ପାଳନ କରାଯିବ ସେଥିପାଇଁ, ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ, ଜିଲ୍ଲା ଶ୍ରମ ଅଧିକାରୀ, ପୌରାଚଂଳ କାର୍ଯ୍ୟନିର୍ବାହୀ ଅଧିକାରୀ ତଦାରଖ କରିବେ । ଆବଶ୍ୟକତା ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଓଡିଆରେ ନାମଫଳକ ଲେଖାଯିବାକୁ ନେଇ ବିରୋଧୀ ଓ ଶାସକ ଦଳ ମଧ୍ୟରେ ବୟାନବାଜି ଆରମ୍ଭ ହୋଇଛି । ବିରୋଧୀ କହିଛନ୍ତି, ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ । ନିୟମକୁ ଲାଗୁ କରିବା ପାଇଁ ପ୍ରଶାସନିକ ସ୍ତରରେ ଯେଉଁଭଳି ଉଦ୍ୟମ ହେବା କଥା ତାହା ହେଉ ନାହିଁ । ବିଜେଡି ବିଧାୟକ କହିଛନ୍ତି, ଆଇନକୁ ନିଜେ ନମାନିଲେ କରିବ କିଏ? କାର୍ଯ୍ୟାନୁଷ୍ଠାନ ହୋଇଛି କିନ୍ତୁ ଆଶାନୁରୂପକ ହୋଇନାହିଁ । ଓଡିଆ ଭାଷାରେ ନାମ ଫଳକ ଲେଖିବା ପାଇଁ ଦୀର୍ଘ ବର୍ଷ ହେଲା ରାଜ୍ୟରେ ନିୟମ ରହିଛି । ଯେଉଁମାନେ ନିୟମ ଉଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରାବଧାନ ରହିଛି । ହେଲେ, କିଛି ଦୋକାନୀ ଓ ବ୍ୟବସାୟୀ ସେହି ନିୟମକୁ ମାନୁ ନାହାଁନ୍ତି । ଆଉ ପ୍ରଶାସନ କେବଳ ନିୟମ କରି ଚୁପ୍ ବସି ଯାଉଛନ୍ତି ।

# ଝାରସୁଗୁଡ଼ା ଉପନିର୍ବାଚନ : ବ୍ଲକ୍ ଓ ମ୍ୟୁନିସିପାଲଟି ସ୍ତରରେ ୧୨ ପର୍ଯ୍ୟବେକ୍ଷକ ନିଯୁକ୍ତ କଲା ବିଜେଡି



ଭୁବନେଶ୍ୱର,୦୭/୦୪ (ନି.ପ୍ର): ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବରିଷ୍ଠ ନେତାଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି ବିଜେଡି । ୪ ବ୍ଲକ ଓ ଝାରସୁଗୁଡା ପୌର ପରିଷଦ ପାଇଁ ୧୨ ବରିଷ୍ଠ ନେତା ଓ ମନ୍ତ୍ରୀଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି । କିରମିରା ବ୍ଲକ୍ ଲାଗି ଅତନୁ ସବ୍ୟସାଚୀ ନାୟକ ଓ ଟୁକୁନି ସାହୁଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଥିବା ବେଳେ କୋଲାବିରା ବ୍ଲକ ଲାଗି ନିରଂଜନ ପୂଜାରୀ ଓ ସରୋଜ ମେହେର , ଝାରସୁଗୁଡ଼ା ବ୍ଲକ ପାଇଁ ପଦ୍ମନାଭ ବେହେରା ଓ ଅରୁଣ ସାହୁ , ଲଇକେରା ବ୍ଲକ ପାଇଁ ପ୍ରତାପ କେଶରୀ ଦେବ ଓ ଦିବ୍ୟଶଙ୍କର ମିଶ୍ର ଏବଂ ଝାରସୁଗୁଡ଼ା ପୌର ପରିଷଦ ଲାଗି ପ୍ରତାପ ଜେନା, ପୁଷ୍ପେନ୍ଦ୍ର ସିଂଦେଓ, ସ୍ନେହାଙ୍ଗିନୀ ଛୁରିଆ ଓ ରୀତା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି । ଦଳ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇଛି । ଏହା ପୂର୍ବରୁ ମଧ୍ୟ ବିଜେଡି ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର ଓ ସାରଦା ନାୟକଙ୍କୁ ଝାରସୁଗୁଡ଼ା ଉପ ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି । ପର୍ଯ୍ୟବେକ୍ଷକ ୩ ବରିଷ୍ଠ ନେତା ଝାରସୁଗୁଡ଼ା ଗସ୍ତ କରିଛନ୍ତି ।

# ବସଷ୍ଟାଣ୍ଡ ଜମିରେ ବ୍ୟବସାୟିକ କୋଠା ନିର୍ମାଣ ନିଷ୍ପତ୍ତିକୁ ବିରୋଧ : ଗଣଆନ୍ଦୋଳନ ପାଇଁ ସିଭିଲ ସୋସାଇଟିର ସଜବାଜ

ବାଲେଶ୍ୱର,୭।୪(ନି.ପ୍ର): ରେମୁଣା ନରହରିପୁର ଠାରେ ୨୦୧୦ ମସିହାରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ସ୍ଥାନରେ ଆବାସିକ ଆପାର୍ଟମେଣ୍ଟଓ ବ୍ୟବସାୟିକ କେନ୍ଦ୍ର ନିର୍ମାଣ କରିବାକୁ ଜିଲା ପ୍ରଶାସନର ଜିଦଖୋର ନୀତିକୁ ନେଇ ଜନ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି ବିଭିନ୍ନ ସାମାଜିକ ଅନୁଷ୍ଠାନ ତଥା ଗଣ ସଂଗଠନଙ୍କ ସମେତ ବାଲେଶ୍ୱର ସିଭିଲ ସୋସାଇଟି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ବୈଠକରେ ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ତଥା ବାର ଆସୋସିଏସନର ସଭାପତି ମନୋଜ ନାୟକ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସୀତାରମ ପ୍ରଧାନ, ଯୁବ ସଂଗଠକ ରଘୁନାଥ ଲେଙ୍କା ପ୍ରମୁଖ ଯୋଗଦେଇ ଜିଲା ପ୍ରଶାସନର ରିଏଲ ଇଷ୍ଟେଟ ପ୍ରୀତିକୁ ତୀବ୍ର ସମାଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତାବିତ ବସଷ୍ଟାଣ୍ଡ ଶିଳାନ୍ୟାସକୁ ୧୩ ବର୍ଷ ବିତିଥିବା ବେଳେ ଇତିମଧ୍ୟରେ ବାଲେଶ୍ୱର ଓ ରେମୁଣା ସହରର କଳେବର ବଢିଛି । ସମ୍ପ୍ରସାରିତ ଦୁଇ ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଏକ ଜିଲାସ୍ତରୀୟ ବସଷ୍ଟାଣ୍ଡ ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସିଭିଲ ସୋସାଇଟି ବୈଠକରେ ଉପସ୍ଥିତ ସମାଜସେବୀମାନେ କହିଥିଲେ । ରେମୁଣା ଗୋଲେଇ




ନିକଟସ୍ଥ ବିଦ୍ୟୁତ ଗ୍ରୀଡ଼ ନିକଟରେ ବାଲେଶ୍ୱର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ବ୍ରିଟ) ଦ୍ୱାରା ଅଧିଗ୍ରହଣ ହୋଇଥିବା ୮ ଏକର ଜମିରୁ ବସଷ୍ଟାଣ୍ଡ ପାଇଁ ମାତ୍ର ୧.୫ ଏକର ଜମି ରଖି ବାକି ସାଢେ ୬ ଏକର ଜମିରେ ବହୁତଳ କୋଠା ନିର୍ମାଣ ସହ ବିକ୍ରି ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ବିଭିନ୍ନ ରିଏଲ ଇଷ୍ଟେଟ ସଂସ୍ଥା ପକ୍ଷରୁ 'ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ (ଆଗ୍ରହ ପତ୍ର) ଆବେଦନ ଆମନ୍ତ୍ରଣ କରାଯାଇଛି । ବାଲେଶ୍ୱରର ପୂର୍ବତନ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରସ୍ତାବିତ ବସଷ୍ଟାଣ୍ଡର ୮ ଏକର ଜମିରୁ ଅଧା ଜମିରେ ବସଷ୍ଟାଣ୍ଡ ଓ ବାକି ଜମିରେ ଜନକଲ୍ୟାଣ କାର୍ଯ୍ୟରେ ଉପଯୋଗ ହେବା କଥା କହିଥିବା ବେଳେ ବର୍ତ୍ତମାନର ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏବେ ବସଷ୍ଟାଣ୍ଡ ପରିସରକୁ ୧.୫ ରୁ ୨ ଏକର ମଧ୍ୟରେ ସୀମିତ ରଖି ଅବଶିଷ୍ଟ ଜମି ଡେଭେଲୋପମେଣ୍ଟ ପାଇଁ ନିର୍ଦ୍ଦେଶ ଦେବାର ଯଥାର୍ଥତା କେତେ ବୋଲି ସିଭିଲ ସୋସାଇଟି କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ୯ କୋଟି ୭୪ ଲକ୍ଷ ▶▶ପୃଷ୍ଠା ୭

# ପୋଷ୍ଟାଲ ଏଜେଣ୍ଟଙ୍କ ହାଇପ୍ରୋଫାଇଲ କାରନାମା: ବିଶ୍ୱାସରେ ବିଷ ଦେଇ ଖାଇଗଲେ କୋଟିଏ ଟଙ୍କା

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ରିମାଣ୍ଡରେ ଆସିବେ ପୋଷ୍ଟାଲ ଏଜେଂଟ ସ୍ୱର୍ଣ୍ଣଲତା । ମିଛ କହି ପୁରୁଣା ଭୁବନେଶ୍ୱର ଅଂଚଳର ୯୮ ଜମାକାରୀଙ୍କ ଠାରୁ ଲୁଟି ନେଇଛନ୍ତି କୋଟିଏରୁ ଅଧିକ ଟଙ୍କା । ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି କମିଶନରେଟ ପୋଲିସ୍ । ସ୍ୱର୍ଣ୍ଣଲତା ଦାସ । ମହିଳା ପୋଷ୍ଟାଲ ଏଜେଂଟ । ଜଣେ ମହିଳା ଏତେ ଯେ ମାରାତ୍ମକ ହୋଇପାରନ୍ତି, ତାହା କେହି କେବେ ଭାବିନଥିବେ । ସର୍ଟକଟରେ ଟଙ୍କା କମାଇବାର ନିଶା ତାଙ୍କୁ ଅବଶ୍ୟ କୋଟିପତି କରିଛି, ହେଲେ ତାଙ୍କର କଳା କାରନାମା ଏବେ ଜେଲର କାଳକୋଠରୀକୁ ଠେଲି ଦେଇଛି । ଏହି ମହିଳା ଜଣକଙ୍କ ନାଁରେ କୋଟି କୋଟି ଟଙ୍କା ଠକେଇ ଅଭିଯୋଗ ହୋଇଛି । ପୋଲିସ୍ ତଦନ୍ତ ବେଳେ ତାଙ୍କର ଅସଲ ମୁଖା ସାମ୍ନାକୁ ଆସିଛି । ଅଭିଯୋଗ ଅନୁଯାୟୀ ଏହି ୪୨୦ ମହିଳା ଗୃହିଣୀମାନଙ୍କୁ ଟାର୍ଗେଟ କରୁଥିଲେ । ଅଧିକ ଟଙ୍କାର ଲୋଭ ଦେଖାଇ ପୋଷ୍ଟାଲ ସ୍କିମ ନାଁରେ ଲକ୍ଷ ଲକ୍ଷ ଟଙ୍କା ନେଉଥିଲେ, ହେଲେ ତାକୁ ଜମା ନକରି ନିଜେ ଚଳୁ କରିଦେଉଥିଲେ । ଆଉ ଜମା ଖାତାର ଅପଡେଟ୍ ମାଗିଲେ ଦେହଖରାପର ଆଳ ଦେଖାଇ ଖସି ଯାଉଥିଲେ । ବିଶେଷକରି ଆରଡି, ଏଫଡି କରିବାକୁ କହି ଜଣେ କି ଦୁଇ ଜଣ ନୁହେଁ, ବରଂ ୯୮ ଜମାକାରୀଙ୍କ ୧୨୯ଟି ଆକାଉଂଟରୁ କୋଟିରୁ ଅଧିକ ଟଙ୍କା ଚଳୁ କରିନେଇଥିବା ଜାଣିବାକୁ ପାଇଛି ପୋଲିସ୍ । ଠକ ମହିଳା ପୋଷ୍ଟାଲ ଏଜେଂଟଙ୍କୁ ଗିରଫ କରାଯିବା ସହ ସିଆରପିସି ୧୬୧ ଧାରାରେ ତାଙ୍କର ବୟାନ ରେକର୍ଡ ହୋଇଛି । ତାଙ୍କ ବିରୋଧରେ ଦଫା ୪୧୭, ୪୨୦, ୪୦୬, ୨୯୪, ୫୦୬ ଲଗାଇଛି ପୋଲିସ୍ । ଠକେଇ କରିଥିବା କୋଟି କୋଟି ଟଙ୍କା ସ୍ୱର୍ଣ୍ଣଲତା କେଉଁଠି ରଖିଛନ୍ତି ?କେବେ, କେମିତି ଓ କେଉଁ ବାବଦକୁ ଖର୍ଚ୍ଚ କରିଛନ୍ତି ସେ ନେଇ ଛାନଭିନ୍ ଜାରି ରହିଛି । କୁହାଯାଉଛି ନିଜ ସମ୍ପର୍କୀୟଙ୍କ ସହାୟତାରେ ଏହି ଠକ ସିଣ୍ଡିକେଟ ଚାଲିଥିଲା । ଏନେଇ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ରିମାଣ୍ଡରେ ଆଣି ଅଧିକ ପଚରା ଉଚରା କରିବାକୁ ଯୋଜନା କରିଛି ପୋଲିସ୍ ।

## କେନ୍ଦ୍ରାପଡ଼ାରେ ବିଜେପିର ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା,୭/୦୪ (ନି.ପ୍ର): ଭାରତୀୟ ଜନତା ପାର୍ଟିର ୪୪ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଦୁହୁରିଆ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବିଜେପି ନେତା ସୁନାକର ବେହେରାଙ୍କ ସଂଯୋଜନାରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଦଳୀୟ ପତାକା ଉତୋଳନ କରିଥିଲେ । ଏହି ଅବସରରେ ଦଳର ଲକ୍ଷ ଲକ୍ଷ ଦେବ ଦୁର୍ଲ୍ଲଭ କାର୍ଯ୍ୟକର୍ତା ମାନଙ୍କ ତ୍ୟାଗ, ତପସ୍ୟା ବଳରେ ଦଳ ବର୍ତମାନ ସମଗ୍ର ବିଶ୍ୱରେ ସର୍ବ ବୃହତ ରାଜନୈତିକ ଦଳ ଭାବେ ମାନ୍ୟତା ପାଇଥିବା ପ୍ରକାଶ କରିଥିଲେ । ଡ଼ଃ ଶ୍ୟାମ ପ୍ରକାଶ ମୁଖାର୍ଜୀ, ପଣ୍ଡିତ ଦିନ ଦୟାଲ ଉପାଧ୍ୟେୟ, ଅଟଳ ବିହାରୀ ବାଜପାୟୀ, ଲାଲକୃଷ୍ଣ ଆଡଭାନୀଙ୍କ ପରି ଲକ୍ଷ ଲକ୍ଷ କାର୍ଯ୍ୟକର୍ତାଙ୍କ କଠିନ ପରିଶ୍ରମ, ନିରଙ୍କୁଶ ସାଧନା, ତ୍ୟାଗ, ତପସ୍ୟା ଓ ବଳିଦାନ ପାଇଁ ଆଜି ବିଜେପିରୁ ନେତୃତ୍ୱ ନେଇ ଯଶସ୍ୱୀ ତଥା ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ସହ ସମଗ୍ର ବିଶ୍ୱର ଅଦ୍ୱିତୀୟ ନେତା ଭାବେ ଉଭଭା ହୋଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରବୋକ୍ତା ଉମାକାନ୍ତ ପଟ୍ଟାୟକଙ୍କ ସମେତ ଉପୀନ କୁମାର ରାଉତଙ୍କ ସମେତ ଡ଼ଃ କଳ୍ପନା ମଲିକ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ସରୋଜ କାନ୍ତ ନାୟକ, ନେହେରୁ ସାହୁ, ବିକ୍ରମାଦିତ୍ୱ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅପରାହ୍ନରେ ଜିଲ୍ଲା ସଭାପତି ଶ୍ରୀ ପଣ୍ଡାଙ୍କ ଦ୍ୱାରା ବୁଥ୍ ସ୍ତରୀୟ କାନ୍ଥ ଲିଖନର ଶୁଭ ଉଦ୍‌ଘାଟନ କରାଯାଇ ଥିଲା ।

# ସେବା ଓ ସହାୟତାରେ ମାନସିକ ଅସୁସ୍ଥ ବ୍ୟକ୍ତି

କନ୍ଧମାଳ,୭/୦୪ (ନି.ପ୍ର): ଫୁଲବାଣୀ, କନ୍ଧମାଳ ଏକ ପଛୁଆ ଜିଲ୍ଲାରେ ଅନ୍ତର୍ଭୁକ୍ତ ଥିବାବେଳେ ଏଠା ରେ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାର ଲାଗିଛି । ଏହି ସମସ୍ୟାକୁ ଗୁରୁତର ସହ ଚିନ୍ତା କରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ବି.ଏନ୍.ଆଇ , ବାଙ୍ଗାଲୁରୁ ମିଳିତର ସହାୟତା ରେ ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ ପ୍ରକଳ୍ପକୁ ଗତ ଏକ ବର୍ଷ ହେବ ପରିଚାଳନା କରିଆସୁଛି । ଏହାର ଫଳ ସ୍ୱରୁପ ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକ ଅଂଚଳର ୩୦ଟି ଗ୍ରାମପଂଚାୟତ ମଧ୍ୟରୁ ୭୨୯ ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି, ସେମାନଙ୍କୁ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ କରିବା ପ୍ରୟାସ ଜାରି ରହିଛି । ସେମାନଙ୍କ ମଧ୍ୟରୁ ୩୫୭ ଜଣଙ୍କୁ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ଚିକିତ୍ସା ସେବା ପ୍ରଦାନ କରାଯାଉଛି । ସରକାର ଙ୍କ ଦ୍ୱାରା ଯୋଗାଇଦିଆ ଯାଉଥିବା ମାଗଣା ଔଷଧ ଓ ବିଶେଷଜ୍ଞ ମାନଙ୍କ ପରାମର୍ଶ ସେବା ଫଳରେ କିଛି ଯୁବକ ଆରୋଗ୍ୟ ଲାଭ କରି ନିଜ ପୂର୍ବ ଅବସ୍ଥାକୁ ଫେରିଆସି ଅଛନ୍ତି । ଏମାନଙ୍କ ମଧ୍ୟରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ରେ ଜଣେ ନାମ ଲେଖାଇ ନିଜର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ସାକାର କରିବା ସହିତ ଅନ୍ୟ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି । ସାଧାରଣରେ ମାନସିକ ଅସୁସ୍ଥତତାକୁ ଏକ ରୋଗ ଭାବରେ ନ ନେଇ ବିଭିନ୍ନ ଅନ୍ଧବିଶ୍ୱାସକୁ ଆପଣେଇ ଅଧିକରୁ ଅଧିକ ସମସ୍ୟା ମଧ୍ୟଙ୍କୁ ଠେଲି ହୋଇ ଯାଉଛନ୍ତି । ଅନ୍ୟଜଣେ ଯୁବକ ଫୁଲ ଚାଷ କରି ନିଜକୁ ସ୍ୱାବଲମ୍ବୀ କରିବାପାଇଁ ନିଜ ମନରେ ଦୃଢ ପରିକର ଅଛନ୍ତି । ବର୍ତମାନ ଜିଲ୍ଲାରେ ମାନସିକ ବିଶେଷଜ୍ଞ ପରାମର୍ଶ ପାଇଁ ୨ ଦିନ ଧାର୍ଯ୍ୟ ରଖାଯାଇଛି, ଯାହା ଦୁର ଦୁରାନ୍ତରୁ ଆସୁଥିବା ଅସୁସ୍ଥ ବ୍ୟକ୍ତି ଓ ପରିବାର ପାଇଁ ଯଥେଷ୍ଟ ହୋଇପାରୁନି । ଏକ ସ୍ଥାୟୀ ମାନସିକ ଚିକିତ୍ସକ ନିଯୁକ୍ତି କରାଯାଇ ଜିଲ୍ଲାର ବିଭିନ୍ନ ବ୍ଲକ ରେ ପରାମର୍ଶ ସେବା ଦିଆଗଲେ ଅନେକ ମାନସିକ ଅସୁସ୍ଥ ବ୍ୟକ୍ତି ଓ ପରିବାର ସେବା ପାଇ ପାରିବେ । ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପରିବାର ରେ ସମନ୍ୱୟ ରଖିବା ପାଇଁ ପରିବାରକୁ ନେଇ ୨୫ ଗୋଟି ପରିବାର ସହଯୋଗ ଦଳ ଗଠନ କରାଯାଇଛି, ନିୟମିତ ଔଷଧ ସେବନ, ସରକାରୀ ସେବା ଓ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ବିଷୟରେ ଆଲୋଚନା କରାଯାଉଛି । ଚିହ୍ନଟ ବ୍ୟକ୍ତିମାନଙ୍କୁ ସାର୍ଟିଫିକେଟ ଦବା ଓ ଭତା ରେ ସାମିଲ କରାଯାଉଛି । ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟକାର୍ମରେ ୩୦ ଟି ପଂଚାୟତରୁ ୨୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତା ପ୍ରଦାନର ବ୍ୟବବସ୍ଥା କରାଯାଇଛି । ମାନସିକ ଅସୁସ୍ଥଙ୍କ ପାଇଁ ଏକ ସାମୁହିକ ସଚେତନତା କଲେ ଆଗାମୀ ଦିନମାନଙ୍କରେ ଏହି ବିଷୟ ଲୋକଲୋଚନ କୁ ଆସିପାରିବ ।

# ଭୁଷଙ୍ଗଗୁଡା ଗ୍ରାମ ପଂଚାୟତକୁ ସ୍ୱତନ୍ତ୍ର ଏକ ଲ୍ୟାମ୍ପ ପ୍ରଦାନ କରିବାକୁ ଚାଷୀଙ୍କ ଦାବି

ଜୟପୁର ,୭/୦୪ (ନି.ପ୍ର): କୁନ୍ଦୁରା ବ୍ଲକର ଭୁଷଙ୍ଗଗୁଡା ଗ୍ରାମ ପଂଚାୟତ ରେ ଏକ ସ୍ୱତନ୍ତ୍ର ଲ୍ୟାମ୍ପ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏନେଇ ଆଜି ଜୟପୁର ଡିଆରସିଏସଙ୍କ ଅନୁପସ୍ଥିତିରେ ଏଆରସିଏସ ପ୍ରାଚିତା ଜେନାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ କୁନ୍ଦୁରା ବ୍ଲକର ଭୁଷଙ୍ଗଗୁଡା ଚାଷି ତଥା ଲ୍ୟାମ୍ପ ଋଣ ଗୃହିତା ଲେଖି ଜଣାଇବାର ଅଭିଯୋଗ ଯେ ଦୁଇଟି ପଂଚାୟତକୁ ନେଇ ଗୋଟିଏ ନୁଆ ଲ୍ୟାମ୍ପସ ଗଠନ ପକ୍ରିଆ ଆରମ୍ଭ ହୋଇଥିବା ଜଣାଯାଇଛି । ସ୍ଥାନୀୟ ଚାଷି ମାନଙ୍କ ସହ କିଛି ଆଲୋଚନା ନକରି ଭୁଷଙ୍ଗଗୁଡା ପଂଚାୟତକୁ ଡଙ୍ଗରପାଉଁଶି ପଂଚାୟତ ସହ ସଂଯୋଗ କରାଯାଇଛି । ଏହା ହେଲେ ଭୁଷଙ୍ଗଗୁଡା ଠାରୁ ଡଙ୍ଗରପାଉସି ୧୫ କିମି ଦୂରତା ଯାହାକି ଯାତାୟତ ବାବଦକୁ ୧ ହଜାର ଟଙ୍କାକୁ ପଡୁଛି । ଭୁଷଙ୍ଗଗୁଡା ଗ୍ରାମ ପଂଚାୟତ କୋଲାବ କେନାଲ ଦ୍ୱାରା ଜଳ ସେଚିତ ଦୁଇ ଫସଲ ଅଂଚଳ ହୋଇଥିବାରୁ ଏଠାରେ ଚାଷୀଙ୍କ ସଂଖ୍ୟା ଅଧିକ । ଏଠାକାର ଭୋଟର ସଂଖ୍ୟା ୫ ହଜାର । ଏଥି ପୁବରୁ ଭୁଷଙ୍ଗଗୁଡା ଗ୍ରାମ ପଂଚାୟତରେ ଗୋଟିଏ ଲ୍ୟାମ୍ପ କାର୍ଯ୍ୟକାରି ହୋଇ ପରିଚାଳିତ ହୋଉଥିଲା । ତେବେ କେଉଁ ଆଧାରରେ ଡଙ୍ଗରପାଉଁସି ସହ ମିଶାଗଲା । ଏଣୁ ଭୁଷଙ୍ଗଗୁଡା ଗ୍ରାମ ପଂଚାୟତକୁ ସ୍ୱତନ୍ତ୍ର ଏକ ଲ୍ୟାମ୍ପ ପ୍ରଦାନ କରାଯାଉ । ଯଦି ଦାବି ପୁରଣ ନହେଲେ ଚାଷି ମାନେ ଏକତ୍ରିତ ହୋଇ ରାଜ ରାସ୍ତାକୁ ଓହ୍ଲାଇବା ପାଇ ନିର୍ଦ୍ଦେଶକ କନକ ଦେଇ ମାଝୀ, ଚାଷି ନରେନ୍ଦ୍ର ପ୍ରଧାନ, ଗଣପତି ଗାଧବା, ବିଜୟ ଗାଧବା, ବୁଦୁରା ପୁଜାରି, ସାହେବ ବିଷୋୟୀ, କୁମାର ବିଷୋୟୀ, ତୁଳା ରାମ ବିଷୋୟୀ ପ୍ରମୁଖ ଚେତାବନି ଦେଇଛନ୍ତି । ଏହାର ନକଲ ଜିଲାପାଳ କୋରାପୁଟ, ଉପ ଜିଲାପାଳ, ଜୟପୁର ଓ କେସିସି ବ୍ୟାଙ୍କ ସଭାପତି ଜୟପୁର ଙ୍କୁ ପ୍ରଦାନ କରାଯାଇଛି ।

# ଏଆଇଡିଏସ୍‌ଓ ପକ୍ଷରୁ ସର୍ବ ଭାରତୀୟ ସଂହତି ଦିବସ

ବଲାଙ୍ଗୀର,୭/୦୪ (ନି.ପ୍ର): ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନରତ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ସମର୍ଥନରେ ସାରା ଭାରତ ସଂହିତ ଦିବସ । ପଞ୍ଜାବ ବିଶ୍ୱବିଦ୍ୟାଳୟ ପଟିଆଲାକୁ ଋଣମୁକ୍ତ କରିବା ସହ ସରକାରୀ ଅନୁଦାନ ବୃଦ୍ଧି କରିବା, ସମଗ୍ର ଶିକ୍ଷାନୁଷ୍ଠାନରେ ସ୍ଥାୟୀ ଭିତିରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି କରିବା, ଶିକ୍ଷା କ୍ଷେତ୍ରରେ ଫି ବୃଦ୍ଧି ବନ୍ଦ କରିବା ଦାବିରେ ସାରା ଭାରତ ସଂହତି ଦିବସ ଉପଲକ୍ଷେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପ୍ଲାଟିନିମ ଜୁବୁଲି ଗେଟ ସମ୍ମୁଖରେ ସଂହତି ଦିବସ ପାଳନ ସହ ରାଜେନ୍ଦ୍ର ବିଶ୍ୱ ବିଦ୍ୟଳୟରେ ଖାଲି ପଡିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୁରଣ କରିବା ଏବଂ ଏନ୍‌ସିଇଆରଟି ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଇତିହାସ, ନଗର ବିଜ୍ଞାନ, ହିନ୍ଦି ଓ ରାଜନୀତି ବିଜ୍ଞାନ ପୁସ୍ତକଗୁଡ଼ିକରେ ହୋଇଥିବା ପରିବର୍ତନକୁ ଦୃଢ ବିରୋଧ କରାଯାଇଛି । କେନ୍ଦ୍ର ସରକାରଙ୍କ ସହି ପଦକ୍ଷେପକୁ ଅଗଣତାନ୍ତ୍ରିକ ଦର୍ଶାଇବା ସହ ଭାଜପା ସରକାର ଇତିହାସକୁ ବିକୃତ କରୁଥିବା ସଂଗଠନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ଶିକ୍ଷା ଉପରେ ଗୋଟିଏ ପରେ ଗୋଟିଏ ଯୋଜନାବଦ୍ଧ ଆକ୍ରମଣ କରାଯାଉଛି । ଏହା ମାଧ୍ୟମରେ ଏହି ସରକାର ଉଦ୍ଦେଶ୍ୟ ହେଉଛି ଏପରି ଏ ଯୁକ୍ତିହୀନ ସଂକୀର୍ଣ୍ଣ ପୀଢି ପ୍ରସ୍ତୁତି କରିବା, ଯେଉଁମାନେ ନିଜର ପ୍ରକୃତ ସାହିତ୍ୟ, ବିଜ୍ଞାନ ଏବଂ ଇତିହାସ ସମ୍ପର୍କରେ ଜାଣି ପାରିବେ ନାହିଁ । ପ୍ରଚାର ମାଧ୍ୟମ ଦ୍ୱାରା ଏଭଳି ଭାବରେ ଜାତି ଓ ଧର୍ମକୁ ଭିତି କରି ବିଭାଜନ ସୃଷ୍ଟି କରାଯାଉଛି । ଯେଉଁଥି ପାଇଁ ବିଭିନ୍ନ ସ୍ଥାନରେ ଦଙ୍ଗା ଘଟୁଛି । ବର୍ତମାନ ସରକାରଙ୍କ ଶିକ୍ଷାର ସମ୍ପ୍ରଦାୟୀକରଣ ନୀତି ଅନୁଯାୟୀ, ସରକାର ପ୍ରଗତିଶୀଳ ପାଠ୍ୟକ୍ରମକୁ ହଟାଇ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବନାକୁ ପ୍ରୋତ୍ସାହନ ଦିଆଯାଉଥିବା ସଂଗଠନ ପକ୍ଷରୁ କୁହାଯାଇଛି । ଏହି ପ୍ରତିବାଦ ସଭାରେ ଏଆଇଡିଏସ୍‌ଓ ରାଜ୍ୟ ଉପସଭାପତି ସୁନିଲ ଭୋଇ, ଜିଲ୍ଲା ସଂପାଦକ ମଧୁସୂଦନ ବାଗ, ଗୌରୀ ରାଉତ, ସିଦ୍ଧାନ୍ତ ମହାକୁର, ଶେଖର ସାମଲ, ରିଲୁ କୁମାରଙ୍କ ସହ ବିଦ୍ୟାଳୟର ଅନେକ ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ ।

# ଗ୍ରାମୀଣ ମହିଳାମାନଙ୍କ ପାଇଁ ପନିପରିବା ନର୍ସରୀ ପରିଚାଳନା ତଥା ଚାଷ ପାଇଁ ତାଲିମ

ବଲାଙ୍ଗିର ,୭/୦୪ (ନି.ପ୍ର): ଗ୍ରାମୀଣ ସ୍ୱରୋଜଗାରର ପ୍ରଶିକ୍ଷଣ ସଂସ୍ଥାନ ବଲାଙ୍ଗୀର ୩୫ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ପନିପରିବା ନର୍ସରୀ ପରିଚାଳନା ଏବଂ ଚାଷ ଉପରେ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୦ ରୁ ୧୯, ୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏବଂ ପନିପରିବା ଚାଷର ଉଭୟ ତତ୍ୱ ତଥା ବ୍ୟବହାରିକ ପଦ୍ଧତିକୁ ଅନ୍ତର୍ଭୁକ୍ତ କରିଥିଲା । ଏହି ପ୍ରଶିକ୍ଷଣକୁ ସରପଂଚ ଉଦଘାଟନ କରିଥିଲେ ଏବଂ ଜୟ ହନୁମାନ, ପାର୍ବତୀ, ପ୍ରତୀକ, ସରସ୍ୱତୀ, କୃଷ୍ଣ ଗୁରୁ, ତୁଳାସୀ, ମା ବୈଷ୍ଣବୀ ଷ୍ଟବୀ, ଏବଂ ପ୍ରଭାତୀ ଭଳି ସ୍ୱୟଂ ସହାୟକ ଗୋଷ୍ଠୀ ର ଅଂଶଗ୍ରହଣ ଦେଖିଥିଲେ । ଏହି ପ୍ରଶିକ୍ଷଣର ସ୍ଥାନ ହେଉଛି ହନୁମାନ ମନ୍ଦିର ନିକଟରେ ଥିବା ଚିକାଲବାହାଲ୍ ୟୁଥ୍ କ୍ଲବ୍ ଏବଂ ଏହା ଚିକଲବାହାଲ୍ ଭିଏସ୍‌ଏସ୍ ଅଧୀନରେ ପରିଚାଳିତ ହେଉଛି । ଏହି କାର୍ଯ୍ୟକ୍ରମଟି ଅଂଶଗ୍ରହଣକାରୀମାନଙ୍କୁ ଉଚ୍ଚମାନର ପନିପରିବା ଉତ୍ପାଦନ ପାଇଁ ଆବଶ୍ୟକ ଜ୍ଞାନ ଏବଂ କୌଶଳ ସହିତ ସଜାଇବା ପାଇଁ ଲକ୍ଷ୍ୟ ରଖିଛି । ସେମାନେ ଭର୍ମିକମ୍ପୋଷ୍ଟର ବ୍ୟବହାର ଏବଂ ପନିପରିବା ନର୍ସରୀଗୁଡ଼ିକର ସଠିକ୍ ପରିଚାଳନା ବିଷୟରେ ଜାଣିଲେ । ଏଥିସହ, ପ୍ରଶିକ୍ଷଣ ସ୍ଥାନଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ ସାଉନ୍ତମୁଣ୍ଡା ଏବଂ ପ୍ରତାପପୁରକୁ ଏକ ଏକ୍ସପୋଜର ପରିଦର୍ଶନ, ଅଂଶଗ୍ରହଣକାରୀ ମାନଙ୍କୁ ପନିପରିବା ଚାଷ ବିଷୟରେ ପ୍ରଥମ ଜ୍ଞାନ ଆହରଣ କରିବାରେ ସାହାଯ୍ୟ କରାଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମ କେବଳ ଗ୍ରାମାଂଚଳର ମହିଳାମାନଙ୍କ ପାଇଁ ଚାକିରି ସୁଯୋଗ ସୃଷ୍ଟି କରିବ ନାହିଁ ବରଂ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ ଏବଂ ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧିରେ ସହାୟକ ହେବ । ଆମେ ସମସ୍ତ ଆଗ୍ରହୀ ଅଂଶଗ୍ରହଣକାରୀଙ୍କୁ ଏହି ମୂଲ୍ୟବାନ ସୁଯୋଗର ପଞ୍ଜିକରଣ ଏବଂ ଲାଭ ଉଠାଇ ବାକୁ ଉତ୍ସାହିତ କରୁ । ଚାଲନ୍ତୁ ଆମ ସମ୍ପ୍ରଦାୟ ପାଇଁ ଏକ ଉତମ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରିବା ବୋଲି ଆୟୋଜକ ବନ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି ।

## କୃଷି ବିଜ୍ଞାନ କେନ୍ଦ୍ରରେ ଆସ୍କି ଟ୍ରେନିଂ

କେନ୍ଦ୍ରାପଡ଼ା,୭/୦୪ (ନି.ପ୍ର): କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଆସ୍କି ଅଧିନରେ କୃଷକମାନଙ୍କ ପାଇଁ ମହୁମାଛି ପାଳନ ସଂପର୍କରେ ତାଲିମ ପ୍ରଦାନ କରାଯାଇଛି । ଗତ ମାର୍ଚ୍ଚ ମାସ ୨୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଚଳିତ ମାସ ଏପ୍ରିଲ ୨୨ ତାରିଖ, ୨୭ ଦିନ ଧରି ଚାଲୁ ରହିବ । ଜିଲ୍ଲାର ୯ଟି ବ୍ଲକରୁ ଶିକ୍ଷିତ ଯୁବକ ଯୁବତୀ ମାନେ ଏହି ତାଲିମରେ ଯୋଗଦେଇ ମହୁମାଛି ଚାଷ ସଂପର୍କିତ ତାଲିମ ଗ୍ରହଣ କରୁଛନ୍ତି । ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ବିଶେଷଜ୍ଞ ସହିତ କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ମହୁମାଛି ପ୍ରଶିକ୍ଷକମାନେ ଅଗ୍ରଣୀ କୃଷକମାନେ ଏହି ଯୁବକ ଯୁବତୀ ମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମରେ ବୈଜ୍ଞାନିକ ନମିତା ମହାପାତ୍ର, ପ୍ରଭଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଶେଷଜ୍ଞମାନେ ଯୋଗଦେଇ ତାଲିମ ନେଉଥିବା ଯୁବକ ଯୁବତୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବେ ବୋଲି ଜଣାପଡିଛି ।

# ଚିତ୍ରକୋଣ୍ଡା ଡିଏଭି ଗୁରୁକୁଳରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାଲକାନଗିରି,୭/୦୪ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଡ଼ିଏଭି ଗୁରୁକୁଳ , ଗୁଡ଼ ମର୍ଣ୍ଣିଙ୍ଗ ପ୍ଲେ ସ୍କୁଲ ଓ ସାଇ ଡ୍ୟାନ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ର ସମ୍ପାଦକ ରାକେଶ ମହାରଣାଙ୍କ ଆହ୍ୱାନ କ୍ରମେ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଜ୍ୟୋତି ପ୍ରକାଶ ସେନାପତି,ସମ୍ମାନୀତ ଅତିଥିଭାବେ, ବିଦ୍ୟାଳୟର ସଭାପତି ବିଭୁତି ଭୂଷଣ ଖରା, ଚିତ୍ରକୋଣ୍ଡା ସରପଂଚ ହରି ମୋହନ ଖିଲ,ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାଶ ଏବଂ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣ ପ୍ରସାଦ କର ଯୋଗ ଦେଇଥିଲେ । ଅତିଥିମାନେ ଉଚ୍ଚ ଆଶା, ଉଚ୍ଚ ଶିକ୍ଷା, ଉନ୍ନତ ମାନର ଶିକ୍ଷା, ବିଭିନ୍ନ ପ୍ରକାର ଶିକ୍ଷା,ଇଂରାଜି ଶିକ୍ଷା, ଉତମ ଗୁରୁ ଗ୍ରହଣ କରି ନିଜ କ୍ୟାରିୟର ଗଠନ କରି ଭବିଷ୍ୟତ ରେ ଉଚ୍ଚ ଅଭିଳାଷ ସହ ଉଚ୍ଚ ପଦବୀ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅଭିପ୍ରେରିତ କରିଥିଲେ ଏବଂ ସ୍ୱାଭିମାନ ଅଂଚଳର ଐତିହ୍ୟ, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା କୁ ସଂରକ୍ଷଣ କରିବା ସହ ନିଜର, ଭାଷା, ଭୂମି ଓ ଭିତିକୁ ସର୍ବଦା ମନେରଖିବା ପାଇଁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ପ୍ରଗତି ବିବରଣୀ ଶିକ୍ଷୟିତ୍ରୀ ରିତା ମହାରଣା ପାଠ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଅଭିଭାଷଣ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ରୀଡ଼ା ତଥା ଶିକ୍ଷାରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଶେଷ କାର୍ଯ୍ୟକ୍ରମ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ବାର୍ଷିକ ଉତ୍ସବ କୁ ମନୋଭାରୀ ଉପଭୋଗ କରି କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମଟିକୁ ଡ଼ିଏଭି ଗୁରୁକୁଳ ବିଦ୍ୟାଳୟ ର ମିସ ରାଜଲକ୍ଷ୍ମୀ ଦାଶ, ସରସ୍ୱତୀ ଖରା, ଶୁଭସ୍ମିତା ତ୍ରିପାଠୀ, ମଞ୍ଜୁ ସାଗର, ମାନିନୀ ନାୟକ, ସୁମିତ୍ରା ନାୟକ, ପୁନମ ବାଘ ପରିଚାଳନା କରିଥିବା ବେଳେ ମିସ ସରସ୍ୱତୀ ଖରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବାପାଘରେ ମା’ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ

ଗଞ୍ଜାମ,୭/୦୪ (ନି.ପ୍ର): ବ୍ରହ୍ମପୁରର ଇଷ୍ଟଦେବୀ ମା ବୁଢ଼ୀ ଠାକୁରାଣୀ ମଙ୍ଗଳବାର ରାତି ଦୁଇଟା ସମୟରେ ପିତ୍ରାଳୟରେ ପହଂଚିଥିଲେ । ମାଙ୍କ ପିତା ତଥା ଦେଶୀ ବେହେରା ପାତଲା ଦୁର୍ଗାପ୍ରସାଦ ଏକ ବିରାଟ ପଟୁଆରରେ ମଙ୍ଗଳବାର ରାତି ଏଗାରଟା ସମୟରେ ଠାକୁରାଣୀ ମନ୍ଦିରକୁ ଯାଇ ମାଙ୍କୁ ନିମନ୍ତ୍ରଣ ଓ ଆବାହନ କରିଥିଲେ । ରାତି ୨ଟା ସମୟରେ ମାଙ୍କ ଆଜ୍ଞାମାଳକୁ ଚାଂଗଡାରେ ହଜାର ହଜାର ସଂଖ୍ୟାରେ ଜନସମାଗମ ତଥା ପଟୁଆରରେ ମନ୍ଦିରଠାରୁ ଆଣି ଦେଶୀ ବେହେରାସାହିସ୍ଥିତ ନିର୍ମିତ ସ୍ୱତନ୍ତ୍ର ପିଣ୍ଡିରେ ସ୍ଥାପନ କରାଯାଇଛି । ବୁଧବାର ଥିଲା ମାଙ୍କ ବିଶ୍ରାମ ଦିନ । ମା ଘଟରେ ପ୍ରବେଶ କରିବା ପରେ ଆଜି ଠାରୁ ସାହି ଓ ନଗର ପରିକ୍ରମା ଆରମ୍ଭ ହୋଇଛି । ମା ବୁଢ଼ୀଠାକୁରାଣୀଙ୍କ ଚଳିତ ବର୍ଷ୨୮ ଦିନିଆ ଯାତ୍ରା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଗତକାଲି ଓ ଆଜି ସକାଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା ବୁଢ଼ୀଠାକୁରାଣୀଙ୍କୁ ଅସ୍ଥାୟୀ ମଣ୍ଡପରେ ଦର୍ଶନ କରିଛନ୍ତି । ଯାତ୍ରାଲାଗି ବ୍ରହ୍ମପୁରସହର ଓ ଗଞ୍ଜାମ ଜିଲାରେ ବେଶ୍ ଉତ୍ସାହ ଓ ଉଦ୍ଦିପନା ସୃଷ୍ଟି ହୋଇଛି ।

# କେନ୍ଦ୍ରାପଡ଼ାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୭/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଦିବସ ନିର୍ଦ୍ଦେଶ କ୍ରମେ ପ୍ରତି ୩ ମାସରେ ଥରେ ଗ୍ରାମ ପଂଚାୟତ ବ୍ଲକ ଓ ଜିଲ୍ଲା ସ୍ତରରେ ଏକ ସମୀକ୍ଷା ବୈଠକ ଅୁଷ୍ଠିତ ହୋଇ ଆସୁଛି । ଆର୍ଥିକ ବର୍ଷ ୨୦୨୨-୨୩ ସମୀକ୍ଷା ବୈଠକ ଗୁରୁବାର ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ ଓ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ମିଳିତ ସଭାପତିତ୍ୱରେ ୩ଟି କମିଟିର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଥିବା ଜିଲ୍ଲା ସ୍ତରୀୟ ଟାକ୍ସ ଫୋର୍ସ, ଜିଲ୍ଲାସ୍ତରୀୟ ଚାଇଲ୍ଡ ଲାଇନ ଉପଦେଷ୍ଟା କମିଟି ଓ ବାଲ୍ୟ ବିବାହ ବନ୍ଦ କରିବାକୁ ଥିବା ଜିଲ୍ଲା ସ୍ତରୀୟ କମିଟିର ସମୀକ୍ଷା, ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସଂପର୍କରେ ବୁଝାଇ ଥିଲେ । ବାଲ୍ୟ ବିବାହ ମୁକ୍ତ ଯାଜନାରେ କାମ କରୁଥିବା ଜିଲ୍ଲା ସଂଯୋଜିକା ଅମ୍ରିତା ସିଂହ (ଆକ୍ସନ୍ ଆଡ), ପିପିଟି ମାଧ୍ୟମରେ ବିଗତ ୩ ମାସ ମଧ୍ୟରେ କରାଯାଇ ଥିବା କାର୍ଯ୍ୟର ସମସ୍ତ ବିବରଣୀ ଉପସ୍ଥିତ ସଭ୍ୟମାନଙ୍କୁ ପ୍ରଦାନ କରି କିଭଳି ଜିଲ୍ଲାକୁ ସଂପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ କରାଯାଇ ପାରିବ ସହଯୋଗ କାମନା କରିଥିଲେ । ଚାଇଲ୍ଡ ଫଣ୍ଡ ଅଫ ଇଣ୍ଡିଆ ମହାକାଳପଡାର କ୍ଷେତ୍ର ସଂଯୋଜକ ରବି ନାରାୟଣ ନାୟକ କିଭଳି ଯୋଜନା ବଦ୍ଧ ଭାବେ ଶିଶୁମାନଙ୍କର କଲ୍ୟାଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ଉପସ୍ଥାପନ କରିଥିଲେ । ଜିଲ୍ଲା ନିୟୋଜନ ଅଧିକାରୀ ଘନଶ୍ୟାମ ସାହା ସରକାରଙ୍କର କିଶୋର କିଶୋରୀମାନଙ୍କୁ (୧୪ ରୁ ୧୮ ବର୍ଷ) କିଭଳି ବୈଷୟିକ ତାଲିମ ସୁଦଶ୍ୟା ଜ୍ଞାନ ଗ୍ରୀନ ପ୍ୟାସେଜ ଆଦି ଯୋଜନା ମାଧ୍ୟମରେ ପ୍ରଦାନ କରିଛନ୍ତି । ମାଗଣାରେ ଝିଅ ମାନଙ୍କୁ ଏହା ଉପଲବ୍ଧ ତାହା ବୁଝାଇ ଥିଲେ । ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ସେଠୀ କିଭଳି ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଘୋଷଣା କରାଯାଇ ପାରିବ, ଯୋଜନା କରିବା ପାଇଁ ପ୍ରଶାସନ ଓ ଉପସ୍ଥିତ ସଭ୍ୟା ମାନଙ୍କୁ ପରାମର୍ଶ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ସିଡିପିଓ, ବିଡିଓଙ୍କ ପ୍ରତିନିଧି, ପଲିଶ୍ରୀ ମହିଳା ସମିତି ଓ ଏନ୍.ଜି.ଓ ସଂସ୍ଥାଗୁଡିକ ଯୋଗ ଦେଇଥିଲେ ।

# ମା’ ତାରେଣୀଙ୍କ ଚଇତି ପର୍ବପାଇଁ ଚଳଚଂଚଳ କେନ୍ଦୁଝର

କେନ୍ଦୁଝର,୭/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲାବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ ମା ତାରେଣୀଙ୍କ ୮୭ ତମ ଚଇତି ପର୍ବ ପାଇଁ ପ୍ରସ୍ତୁତି ଯୋରଦାର ଚାଲିଥିବା ବେଳେ ଏଥିପାଇଁ ଚଳଚଂଚଳ ହୋଇ ଉଠିଛି ସମଗ୍ର କେନ୍ଦୁଝର । ଚଇତି ପର୍ବ ତଥା ମା ଙ୍କ ବାର୍ଷକ ଉତ୍ସବ ପାଳନ ପାଇଁ ମନ୍ଦିର ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ବେଶ ତତ୍ପର ହୋଇ ଉଠିଛନ୍ତି । ଚଇତି ପର୍ବରେ ମା ଙ୍କ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ସହିତ ପ୍ରବଳ ଖରାକୁ ଲକ୍ଷ୍ୟ କରି ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥି ସହିତ ମନ୍ଦିର ଭିତରେ ଭକ୍ତ ତଥା ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଦର୍ଶନ , ମନ୍ଦିରର ସୁରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଆସନ୍ତା ଏପ୍ରିଲ ୯ ତାରିଖ ଠାରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ସାତଦିନ ଧରି ମା ତାରେଣୀଙ୍କର ଚଇତି ପର୍ବ ମହା ଆଡମ୍ବରରେ ପାଳିତ ହେବାକୁ ଯାଉଛି । ଏହି ପର୍ବକୁ ଅଧିକ ସରସ ସୁନ୍ଦର ତଥା ଆକର୍ଷଣୀୟ , ଶୃଙ୍ଖଳିତ କରିବାକୁ ମନ୍ଦିର ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ସମସ୍ତେ ତତ୍ପର ହୋଇ ଉଠିଛନ୍ତି । ପ୍ରବଳ ଖରାରେ ଅଂଶୁଘାତର ସମ୍ଭାବନା କୁ ଦୃଷ୍ଟିରେ ତାର ମୁକାବିଲା କରିବାକୁ ମନ୍ଦିର ପରିସର, ପାଲାମଣ୍ଡପ ଆଦିକୁ ପାଲରେ ଭଲଭାବରେ ଛାଉଛିର ବ୍ୟବସ୍ଥା କରାଯାଉଛି । ସାତ ଦିନଧରି ମା ସୁନାବେଶରେ ଦର୍ଶନ ଦେବା ସହ ମନ୍ଦିର ପରିସରରେ ହୋମ ଯଜ୍ଞ, ଚଣ୍ଡିପାଠ, ଭାଗବତ ପାଠ ଆଦି ଅନୁଷ୍ଠିତ ହେବାର ବ୍ୟବସ୍ଥା ରହିଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷା ଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ଆଗରେ ରଖି ସମସ୍ତଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ପାଇଁ ବ୍ୟାରିକେଟ ର ବ୍ୟବସ୍ଥା କରାଯାଇଛି । ଅନ୍ୟ ପକ୍ଷରେ ମା ଙ୍କ ପୂଜାରେ କୌଣସି ଅସୁବିଧା ନ ହେବା ପାଇଁ ଅଧିକ ସଂଖ୍ୟାରେ ପୂଜକ ମଧ୍ୟ ନିୟୋଜିତ କରାଯିବା ସୂଚନା ମିଳିଛି । ପ୍ରବଳ ଖରା କୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପାନୀୟ ଜଳ ସଙ୍ଗକୁ ଜରୁରୀ କାଳୀନ ଚିକିତ୍ସା ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ମନ୍ଦିର ପରିସରରେ ସିସିଟିଭି କ୍ୟାମେରା ଲଗାଯିବା ସହ ଯଥେଷ୍ଟ ସଂଖ୍ୟାର ପୋଲିସ ମୁତୟନ ହେବାର ବ୍ୟବସ୍ଥା ହୋଇଛି । ଏଥି ସହ ଚଇତି ପର୍ବରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ମାନେ ସହେଯାଗର ହାତ ବଢ଼ାଇ ଥାଆନ୍ତି । ଏହି ସାତଦିନ ଧରି ମାଙ୍କ ପୀଠରେ ଭଜନ ସମାରୋହ, ପ୍ରବଚନ, ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା ଆଦି ଅନୁଷ୍ଠିତ ହୋଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବାକୁ ଯାଉଥିବା ବେଳେ ଏହି ସାତଦିନ ଘଟଗାଁ ଅଂଚଳରେ ଆମିଶ ସେବନକୁ ସଂପୁର୍ଣ୍ଣ ବାରଣ କରାଯାଇଛି ।

# ଆଗଲପୁର ବ୍ଲକ ତହସିଲ୍ କାର୍ଯ୍ୟାଳୟରେ ଜମି ରେଜିଷ୍ଟ୍ରିକରଣ ସକାଶେ ନୂତନ କାର୍ଯ୍ୟାଳୟ ଉଦଘାଟନ

ବଲାଙ୍ଗିର,୭/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକ ତହସିଲ୍ କାର୍ଯ୍ୟାଳୟରେ ଜମି ରେଜିଷ୍ଟ୍ରିକରଣ ସକାଶେ ଆଜି ଏକ ନୂତନ କାର୍ଯ୍ୟାଳୟ ଉଦଘାଟନ ହୋଇଯାଇଛି । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଆଗଲପୁର ତହସିଲଦାର ସୁଶ୍ରୀ ସରୋଜା ବେହେରା ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ଫିତା କାଟିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟାଳୟ ହେବାଦ୍ୱାରା ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ଆଗଲପୁରର ନାଗରିକ କମିଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ କନିଷ୍ଠ ରାଜସ୍ୱ ସହାୟକ ତୁକୁ ଦୀପ, ଡାଟା ଏଂଟ୍ରି ଅପରେଟର ପ୍ରଶନଜିତ ସାମଲ, ଉପ ବିଭାଗ ଅଧିକାରୀ ଲମ୍ବୋଦର ଭୋଇ ଓ କନିଷ୍ଠ ରାଜସ୍ୱ ସହାୟକ ନିଳମାଧବ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ଜମିଜମା ଓ ବିବାହ ସମ୍ବନ୍ଧୀୟ ରେଜିଷ୍ଟ୍ରି ଏଠାରେ ହୋଇପାରିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି । ସପ୍ତାହକୁ ୩ ଦିନ ଯଥା ଗୁରୁବାର, ଶୁକ୍ରବାର ଓ ଶନିବାର ଦିନ ରେଜିଷ୍ଟ୍ରି ହେବ ବୋଲି ପ୍ରକାଶ କରିଛନ୍ତି ।

# ଯୁବ କୁଲୁତା ସମାଜ ପକ୍ଷରୁ ଚୈତ୍ର ପୂର୍ଣ୍ଣିମା

ବଲାଙ୍ଗୀର,୭/୦୪ (ନି.ପ୍ର): ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ ଅସୀମ କରାଟେ ଏକାଡେମୀ ରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଚୈତ୍ର ପୂର୍ଣ୍ଣିମା ତଥା କୁଲୁତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାଁ ରାମଚଣ୍ଡିଙ୍କ ପୂଜାର୍ଚ୍ଚନା ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଦିନଟିକୁ କୁଲୁତା ଦିବସ ରୂପେ ମଧ ପାଳନ କରାଯାଇଥାଏ । ଏଥିରେ କୁମଦିନି ଭୋଇ ମାଁ ରାମଚଣ୍ଡଙ୍କ ପୂଜାର୍ଚ୍ଚନା କରିଥିଲେ । ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜା ଉତ୍ସବର ସଂପଦକ ଭୁବନେଶ୍ୱର ଭୋଇ, ଉପ-ସଭାପତି ଜିତେନ୍ଦ୍ର ବିଶ୍ୱାଲ, କୋଷାଧ୍ୟକ୍ଷ ଅମିତ ବାରିକ, ଜିଲ୍ଲା କମିଟି ସଦସ୍ୟ ଅସ୍ମିତ ପ୍ରଧାନ, ମୁକେଶ ପ୍ରଧାନ, ଗଙ୍ଗାଧର ସା, ସୁଧିର ସା, ବିଶ୍ୱନାଥ ବିଶ୍ୱା, ଚନ୍ଦ୍ରଚୁଳ ସାହୁ, ଶୁଭମ୍ ଗଡତ୍ୟା, ସୁଧାରାଣୀ ବିଶ୍ୱାଲ, ସୁଜାତା ସାହୁ, ସିନ୍ଧୁ ଭୋଇ, ବାସୁଦେବ ସାହୁ, ଉମେଶ ଗଡତ୍ୟ, ବିଶ୍ୱଜିତ ପ୍ରଧାନଙ୍କ ସମେତ ପାଟଣାଗଡ, ବଲାଙ୍ଗିର, ପୁଇଁନ୍ତଲା, ଦେଓଗାଁ, ଲୋଇସିଂହା, ଗୁଡଭେଲା ବ୍ଲକର ଅନେକ ସଦସ୍ୟ ସଦସ୍ୟା ଯୋଗଦାନ କରିଥିଲେ । ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ଯୁବ କୁଲୁତା ସମାଜର ନିଜସ୍ୱ ଏକ କୁଲୁତା ଭବନ କିପରି ହୋଇ ପାରିବ ସେ ଉପରେ ଆଲୋଚନା ହୋଇଥିଲା । ଏଥିରେ ରକ୍ତ ପାଇ କାହାରି କୁ ମରିବାକୁ ଦେବା ନାହିଁ ବୋଲି ଯୁବ ସଦସ୍ୟଗଣ ମାଁ ରାମଚଣ୍ଡିଙ୍କ ଠାରେ ପ୍ରତିଜ୍ଞା କରିଥିଲେ । ଶେଷରେ ପ୍ରସାଦ ସେବନ ପରେ ସଭା ସାଙ୍ଗ ହୋଇଥିଲା ।

# ଭାଗ୍ୟ ବଦଳାଇବ ରସୁଣ : ଜାଣନ୍ତୁ କିପରି କରିବେ ବ୍ୟବହାର ?



ରସୁଣ ଏମିତି ଏକ ଜିନିଷ ସମସ୍ତଙ୍କ ରୋଷେଇଶାଳାରେ ଥାଏ । ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ରସୁଣକୁ ବ୍ୟବହାର କରାଯାଏ । କିନ୍ତୁ ଏହି ରସୁଣର ବିଶେଷ ମହତ୍ୱ ରହିଛି ଯାହାକି ଆମର ଭାଗ୍ୟକୁ ବି ବଦଳାଇଦେଇଥାଏ । କେମିତି ଏହାର ଉପଚାର ଆମେ ସୂଚାଇଦେଉଛୁ । ଆପଣ ବାରମ୍ବାର ଚେଷ୍ଟା କରିବା ପରେ କିମ୍ବା ଅଯଥା ଅର୍ଥ ବ୍ୟୟ ହୋଇଯାଉଛି କି ସବୁବେଳେ ଧନର ଅଭାବ ଦେଖାଯାଉଛି କି ଏଭଳି କ୍ଷେତ୍ରରେ ରସୁଣକୁ ବ୍ୟବହାର କରନ୍ତୁ ବଦଳିଯିବ ଭାଗ୍ୟ । ୫ ରୁ ୭ଟି ରସୁଣ ପାଖୁଡା ଏକ ଲାଲ କପଡାରେ ବାନ୍ଧି ଦୋକାନ କିମ୍ବା କାର୍ଯ୍ୟସ୍ଥଳରେ ରଖନ୍ତୁ । ଏପରି କରିବା ଦ୍ୱାରା ଲାଭ ହୋଇଥାଏ । ଘରେ ସୁଖଶାନ୍ତି ଓ ସମୃଦ୍ଧି ପାଇଁ ଏବଂ କଳହ ଦୂର ପାଇଁ ମଙ୍ଗଳବାର ଓ ଶନିବାର ଘରର ଛାତରେ କିଛି ରସୁଣ ରଖନ୍ତୁ । ଏହାଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥ ଖର୍ଚ୍ଚ ଲାଗି ରହୁଥିଲେ, ଧନର ଅଭାବ ହେଉଥିଲେ, ଶନିବାର ଦିନ ନିଜ ପାଖରେ ଏକ ରସୁଣ ରଖନ୍ତୁ । ବାହାରକୁ ଗଲେ ରସୁଣକୁ ନିଜ ନିକଟରେ ରଖନ୍ତୁ । ଏହାଦ୍ୱାରା ଆର୍ଥିକ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ ।

# ଭିଟାମିନ୍ ଡି' ଅଭାବ ଦୂର କରୁଥିବା ଖାଦ୍ୟ

**ନିକଟରେ ହୋଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଭାରତରେ ୬୫% ଲୋକ ଭିଟାମିନ୍ ଡି' ଅଭାବଜନିତ ରୋଗରେ ଆକ୍ରାନ୍ତ । ଏମାନେ ସମ୍ଭ୍ରାନ୍ତ ତଥା ଧନିକ ବର୍ଗର ଲୋକ ଅଟନ୍ତି । ଦିନରାତି ଶୀତତାପନିୟନ୍ତ୍ରିତ କକ୍ଷରେ ରହିବା ସହ ବିଦେଶୀ ଖାଦ୍ୟ ଓ ସୂର୍ଯ୍ୟକିରଣ ଶରୀର ସ୍ପର୍ଶ ନ କରିବା କାରଣରୁ ଭିଟାମିନ୍ ଡି' ଅଭାବ ଉପୁଜିଥାଏ ।**

- ଭିଟାମିନ୍ ଡି'ର ଖୋରାକ୍ ପାଇବା ନିମନ୍ତେ ନିଜ ଖାଦ୍ୟପାନୀୟର ଏକ ତାଲିକା ପ୍ରସ୍ତୁତ କରିବା ଜରୁରୀ । ପ୍ରତ୍ୟେକ ନିଜ ଡାଏଟ୍‌ରେ ଟୁନା ମାଛକୁ ସାମିଲ କରନ୍ତୁ । ଆଜିକାଲି ଏହି ମାଛ ଭାରତୀୟ ବଜାରରେ ସହଜରେ ମିଳୁଛି । ସପ୍ତାହରେ ଅନ୍ତତଃ ୨-୩ ଥର ଟୁନା ମାଛ ବ୍ୟଞ୍ଜନ ନିଜ ଭୋଜନରେ ସାମିଲ କଲେ ଲାଭ ମିଳିଥାଏ ।
- ଚିକେନ୍, ଅଣ୍ଡା, ଛତୁ, ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇଲେ ମଧ ଶରୀରକୁ ଭିଟାମିନ୍ ଡି' ପର୍ଯ୍ୟାପ୍ତ ପରିମାଣରେ ମିଳେ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ସବୁଜ ବିନ୍ସର ସାଲାଡ୍ ହେଉ କିମ୍ବା ଭଜା, ଏହାକୁ ମଧ ନିଜ ଭୋଜନରେ ସାମିଲ କରନ୍ତୁ । ଭିଟାମିନ୍ ଡି'ର ଏହା ଏକ ଉତ୍ତମ ସ୍ରୋତ ବୋଲି ଜଣାପଡିଛି ।
- ଆଭାକାଡୋ, ଏଇ ବିଦେଶୀ ଫଳ ଏବେ ଭାରତୀୟ ଫିଡ୍ ବଜାର୍‌ରେ ମିଳୁଛି । ଭିଟାମିନ୍ ଡି' ପୋଷକତତ୍ତ୍ୱ ଏହି ଫଳରେ ପ୍ରଚୁର ପରିମାଣରେ ଥିବାରୁ ତାହା ଖାଇଲେ ମଧ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡେ ।




# ସ୍ୱାସ୍ଥ୍ୟ ମନ୍ତ୍ର

- ଦହିରେ ଅନେକ ଗୁଣକାରୀ ଉପାଦାନ ଭରିରହିଛି । ନିୟମିତ ଦହି ଦ୍ୱାରା ଖାଦ୍ୟ ହଜମ ସହଜ ହୁଏ । ମଳକଷ୍ଟକ ସମସ୍ୟା ହୁଏନାହିଁ ।
- ଦହି କାଲ୍‌ସିୟମ୍‌ରେ ଭରପୂରା ଅସ୍ଥି ଓ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ଉପକାରୀ ।
- ଏହା ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ ।
- ନିୟମିତ ଦହି ଖାଇଲେ ହୃତ୍‌ପିଣ୍ଡ ସୁସ୍ଥ ରହେ । ଉଚ୍ଚ ରକ୍ତଚାପ ଆଶଙ୍କା ହ୍ରାସ ପାଏ । ଶରୀରରୁ ଅଦରକାରୀ ମେଦ କମେ ।
- ଦହି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୁଏ ।
- ଦହିରେ ଜିଙ୍କ୍ ସମେତ ଭିଟାମିନ୍ ଡି ଏବଂ ଇ ଉପାଦାନ ରହିଛି । ଏହା ତ୍ୱଚାକୁ ଉଜ୍ଜ୍ୱଳ ରଖେ । ରୁପି ସମସ୍ୟା ଥିଲେ ଦହି ଦ୍ୱାରା ଉପଚାର କରିପାରିବେ ।
- ଖିର ବଦଳରେ ଦହି ଖାଇପାରିବେ । କାରଣ ଅଜୀର୍ଣ୍ଣ କରାଉଥିବା ଲାକ୍ଟୋସ୍ ଏଥିରେ ନାହିଁ ।

# କିଡ୍‌ନୀ ଷ୍ଟୋନ୍ ଦୂର କରେ ଜହ୍ନି





ବ୍ୟସ୍ତବହୁଳ ଜୀବନରେ ଖାଦ୍ୟରେ ଅନିୟମିତତା ଯୋଗୁ କେତେକଙ୍କଠାରେ କିଡ୍‌ନୀ ଷ୍ଟୋନ ଦେଖାଯାଇଥାଏ । ତେବେ ଏଥିରୁ ଦୂରେଇ ରହିବାର ଉପାୟ ହାତ ପାଆନ୍ତାରେ ରହିଛି । ନିୟମିତ ଜହ୍ନି ଖାଇଲେ ଏଥିରୁ ମୁକ୍ତି ମିଳିଥାଏ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ ଓ ପ୍ରୋଟିନ୍ ରହିଥାଏ । ନିୟମିତ ଜହ୍ନି ଖାଇବା ଦ୍ୱାରା ମଧ ମୁକ୍ତି ମିଳିଥାଏ । ଏହା ଶରୀରରେ ଜମି ରହିଥିବା ଅଦରକାରୀ ଚର୍ବିକୁ ବାହାର କରିଦେଇଥାଏ । ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏହା ମହୌଷଧି ସଦୃଶ କାର୍ଯ୍ୟ କରିଥାଏ । ଜହ୍ନିରେ କ୍ୟାରୋଟନ୍ ନାମକ ରାସାୟନିକ ପଦାର୍ଥ ଥାଏ, ଯାହା ଦୃଷ୍ଟିଶକ୍ତି ବୃଦ୍ଧି କରେ । ବିଭିନ୍ନ ଚର୍ମ ସଂକ୍ରମଣରୁ ଜହ୍ନି ଦୂରେଇ ରଖେ । ଏହା ଶରୀରର ରୋଗ ପ୍ରତିରୋଧ ଶକ୍ତି ମଧ ବଢାଇଥାଏ ।

# କ୍ଷୀର ତୁଳନାରେ ବିଅର୍ ସ୍ୱାସ୍ଥ୍ୟକର!

କ୍ଷୀର ତୁଳନାରେ ବିଅର୍ ଅଧିକ ସ୍ୱାସ୍ଥ୍ୟପ୍ରଦ । ବିସ୍ମୟକର ମନେହେଉଥିଲେ ହେଁ ଏ ଭଳି ସୂଚନା ମିଳିଛି 'ପେଟା' (ପିଉପଲ୍ ଫର୍ ଦ ଏଥିକାଲ୍ ଟ୍ରିଟ୍‌ମେଣ୍ଟ୍ ଅଫ୍ ଆନିମଲ୍‌ସ) ସୂତ୍ରରୁ । 'ହାର୍ଭାର୍ଡ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ'ର କିଛି ଗବେଷକ, 'ପେଟା' ପାଇଁ ଦଗ୍‌ଧ ପାନ ରୋକିବା 'ପେଟା'ର ଲକ୍ଷ୍ୟ । ତେଣୁ, ଏହାର ବିକଳ୍ପ ବାବଦରେ ଲୋକଙ୍କୁ ସଚେତନ କରାଯାଉଛି । ବିକଳ୍ପ ସଂପର୍କିତ ସଚେତନତା ବାର୍ତ୍ତା ବିଜ୍ଞାନସମ୍ମତ ହେବା ଦରକାର । ତେଣୁ, 'ପେଟା' ପ୍ରୋତ୍ସାହନରେ ବିଭିନ୍ନ ଗବେଷଣା ଚାଲିଛି । ଗବେଷଣା ଆଧାରରେ 'ପେଟା' କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ପାଇଁ ଏକ ବିବୃତ୍ତି ରଖିଛନ୍ତି । ଉକ୍ତ ବିବ୍ୟତ୍ତି ଅନୁଯାୟୀ, କ୍ଷୀର ତୁଳନାରେ ବିଅର୍ ସ୍ୱାସ୍ଥ୍ୟକର । ବିଅର୍ ପିଇଲେ ହାଡ ଶକ୍ତ ହୁଏ ଓ ଆୟୁ ବଢେ । ଅପରପକ୍ଷେ କ୍ଷୀର ମଣିଷକୁ ମୋଟା କରେ, ଏହା ମଧୀ ବିଭିନ୍ନ ପ୍ରକାରର ହୃତ୍‌ପିଣ୍ଡ ରୋଗ, ମଧୁମେହ ଓ କର୍କଟର କାରଣ । ତେଣୁ, ଦାୟିତ୍ୱବାନ ଭାବେ ବିୟର ପିଅ ଏବଂ କ୍ଷୀର ପାଅନାହିଁ । ଦ୍ରବଣୀୟ ତନ୍ତୁ, ଲୌହ ଓ କାଲ୍‌ସିଅମ୍ ରହୁଥିବାରୁ ବିଅର୍ ଉପାଦେୟ ।




# ଗରମରେ ଭୁଲରେ ବି ଖାଆନ୍ତୁ ନାହିଁ ଏହି ୫ଟି ଜିନିଷ: ଶରୀରକୁ ପହଞ୍ଚିଥାଏ କ୍ଷତି

ପ୍ରତ୍ୟେକ ଋତୁରେ ସୁସ୍ଥ ରହିବା ପାଇଁ ବ୍ୟକ୍ତିଙ୍କୁ ଖାଇବା-ପିଇବା ସହ ଜଡିତ କିଛି ନିୟମ ପାଳନ କରିବା ଆବଶ୍ୟକ । ଖାଦ୍ୟ ସହ ଜଡିତ ନିୟମଗୁଡିକ ଅନୁସରଣ କରି ଜଣେ ବ୍ୟକ୍ତି ସୁସ୍ଥ ରହିପାରିବ। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଛି । ଏହି ଋତୁରେ ଲୋକଙ୍କୁ ପେଟ ସହ ଜଡ଼ିତ



ସମସ୍ୟା ଯେପରିକି ଗ୍ୟାସ୍, ବାନ୍ତି ଏବଂ ଝାଡ଼ା ଭଳି ଡିହାଇଡ୍ରେସନ୍ ସମସ୍ୟା ବ୍ୟଥିତ କରିପାରେ। ଏହାକୁ ଏଡାଇବା ପାଇଁ ଜଣେ ବ୍ୟକ୍ତିଙ୍କୁ ଏହି ଋତୁରେ ଗରମ ଜିନିଷ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଆସନ୍ତୁ ଏପରି ୫ ଟି ଖାଦ୍ୟ ବିଷୟରେ ଜାଣିବା, ଯାହାକୁ ଗ୍ରୀଷ୍ମ ଋତୁରେ ଦୂରେଇ ଦେବା ଉଚିତ୍ ।

ଗରମରେ ଖାଆନ୍ତୁ ନାହିଁ ଏହି ଜିନିଷ :-

**ମସଲାଯୁକ୍ତ ଖାଦ୍ୟ-**

ଯଦିଓ ମସଲାଯୁକ୍ତ ଖାଦ୍ୟ ଖାଇବା ଅତ୍ୟନ୍ତ ସ୍ୱାଦିଷ୍ଟ ମନେହୁଏ, କିନ୍ତୁ ଏହା ଆପଣଙ୍କ ପେଟର ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ । ଅତ୍ୟଧିକ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଶରୀରରେ ଖରାପ କୋଲେଷ୍ଟ୍ରଲ ବଢ଼ାଇବା ସହିତ ଅମ୍ଳତା ଏବଂ ପେଟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ । ଏହା ବ୍ୟତୀତ ଏଗୁଡ଼ିକ ଫ୍ୟାଟ୍ ଟିସୁରେ ଜମା ହୋଇ ପେଟର ଚର୍ବି ବୃଦ୍ଧି କରିବାରେ ମଧ ସାହାଯ୍ୟ କରନ୍ତି ।

**ଡ୍ରାଏ ଫ୍ରୁଟ୍ସ-**

ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଡ୍ରାଏ ଫ୍ରୁଟ୍ସ ଖାଇବା ଠାରୁ ଦୂରେଇ ରୁହନ୍ତୁ । ଡ୍ରାଏ ଫ୍ରୁଟ୍ସର ଅଧିକ ବ୍ୟବହାର ଶରୀରରେ ଉତ୍ତାପ ସୃଷ୍ଟି କରେ । ବାସ୍ତବରେ, ଡ୍ରାଏ ଫ୍ରୁଟ୍ସଗୁଡ଼ିକରେ କମ୍ ଜଳ ଏବଂ ଅଧିକ ଚିନି ଥାଏ । ଏହି ଉଚ୍ଚ ଶର୍କରା ଶରୀରର ଉତ୍ତାପ ବୃଦ୍ଧି ପାଇଁ କାମ କରେ ।

**ଅଧିକ ଲୁଣ –**

ଶୀତ କିମ୍ବା ଗ୍ରୀଷ୍ମ ଋତୁରେ ଲୁଣର ଅତ୍ୟଧିକ ବ୍ୟବହାର କରିବା ଉଚିତ୍ ନୁହେଁ । ଲୁଣ, ସୋଡିୟମ୍ କ୍ଲୋରାଇଡ୍ ଭାବରେ ମଧ ଜଣାଶୁଣା, ଏହାର ଅତ୍ୟଧିକ ବ୍ୟବହାର ଆପଣଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ ଏବଂ ଶରୀରରେ ପ୍ରଦାହ, ଉଚ୍ଚ ରକ୍ତଚାପ ଏବଂ ହୃଦଘାତ ଭଳି ଅନେକ ରୋଗ ସୃଷ୍ଟି କରିଥାଏ । ଏହା ବ୍ୟତୀତ ଗ୍ରୀଷ୍ମ ଋତୁରେ ଲୁଣର ମାତ୍ରା ଅଧିକ ଗ୍ରହଣ କଲେ ଶରୀରରେ ଡିହାଇଡ୍ରେସନ୍ ମଧ ହୋଇଥାଏ ।

**ନନ୍ ଭେଜ୍ –**

ଯେଉଁମାନେ ନନ୍-ଭେଜ୍ ପସନ୍ଦ କରନ୍ତି ସେମାନେ ଗ୍ରୀଷ୍ମ ଦିନରେ ପ୍ରତିଦିନ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ରେଡ ମିଟ୍, ମଟନ୍ ଏବଂ ଗୋମାଂସ ପରି ଖାଦ୍ୟ ଶରୀରରେ ଅତ୍ୟଧିକ ଉତ୍ତାପ ସୃଷ୍ଟି କରି ଶରୀରର ବିଷାକ୍ତ ପଦାର୍ଥକୁ ବଢ଼ାଇଥାଏ, ଯାହା ପେଟ ଏବଂ ଚର୍ମ ସହିତ ଜଡିତ ଅନେକ ସମସ୍ୟା ସୃଷ୍ଟି କରିପାରେ ।

**ଗରମ ମସଲା-**

ଯଦିଓ ଶୀତଦିନେ ପନିପରିବାରେ ଗରମ ମସଲା ମିଶାଇ ଖାଇବା ଦ୍ୱାରା ଆପଣଙ୍କ ଇମ୍ୟୁନିଟି ବଢ଼ିଥାଏ, କିନ୍ତୁ ଖରାଦିନେ ଏହାକୁ ଅତ୍ୟଧିକ ଖାଇବା ଆପଣଙ୍କ ପେଟ ସହିତ ଜଡିତ ଅନେକ ସମସ୍ୟା ସୃଷ୍ଟି କରିପାରେ । ଏହାର ଅତ୍ୟଧିକ ବ୍ୟବହାର ଶରୀରର ଉତ୍ତାପକୁ ବଢ଼ାଇ କୁଣ୍ଡାଇ ହେବା ଭଳି ସମସ୍ୟା ସହିତ ହାତ ଏବଂ ପାଦରେ ଜ୍ୱଳନ ସୃଷ୍ଟି କରିପାରେ ।

# ଲାଲ୍ କଙ୍କଡାର୍ ଦ୍ୱୀପ

ଅଷ୍ଟ୍ରେଲିଆର କୁଇନ୍‌ସଲ୍ୟାଣ୍ଡ ନିକଟସ୍ଥ ଏକ ଦ୍ୱୀପ ହେଉଛି କ୍ରିସ୍‌ମାସ୍ ଦ୍ୱୀପ, ସ୍ଥାନୀୟ ଅଞ୍ଚଳକୁ ନିୟମିତ ଭାବେ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ପର୍ଯ୍ୟଟକଙ୍କ ଭିଡ ପଛର ମୁଖ୍ୟ କାରଣ ହେଲା ସେହି ଅଞ୍ଚଳରେ ହେଉଥିବା ଲାଲ କଙ୍କଡାଙ୍କ ଭିଡ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ । ଏହି ଦ୍ୱୀପର ଅନ୍ୟ ନାମ 'କ୍ରାବ୍ ଆଇଲ୍ୟାଣ୍ଡ' ।

ବର୍ଷର ସବୁ ସମୟରେ ସେଠାରେ ଘର, ରେଷ୍ଟୋରାଁ, ରାସ୍ତାଘାଟରେ ଏହି ଲାଲ କଙ୍କଡା ଦେଖାଯାଇଥାନ୍ତି । ହେଲେ ଏକ ନିର୍ଦ୍ଦିଷ୍ଟ ସମୟରେ ଏମାନଙ୍କ ସଂଖ୍ୟା ବଢିଥିବାବେଳେ ରାସ୍ତାଘାଟରେ ମଧ ଚଲାବୁଲା କରିବା କାଠିକର କାମ ହୋଇପଡେ । କାରଣ ଚତୁର୍ଦ୍ଦିଗରେ ଲାଲ କଙ୍କଡା ଥାନ୍ତି । ୧୮୦ ହେକ୍ଟର ପରିସୀମା ବ୍ୟାପ୍ତ ଏହି କଙ୍କଡା ଦ୍ୱୀପରେ କଙ୍କଡାଙ୍କ ସଂଖ୍ୟା ବଢିଲେ ରାସ୍ତାଘାଟରେ ଯାନବାହନ ଚଳାଚଳ ବନ୍ଦ କରିବାକୁ ସ୍ଥାନୀୟ ମେୟର୍ କଡା କଟକଣା ରଖିଥାନ୍ତି । ଯାନ ଚଳାଚଳ ସମୟରେ ଯଦି କୌଣସି କଙ୍କଡା ଗାଡି ତଳେ ଆସି ମରିଯାନ୍ତି, ତେବେ ଚାଳକଙ୍କୁ ମୋଟା ଅଙ୍କର ଜୋରିମାନା ଦେବାକୁ ପଡେ ।



# ପନ୍ଦର୍ ଫୁଟିଆ ଗଲ୍‌ଫ ଷ୍ଟିକ୍ !

ଡେନ୍‌ମାର୍କର ଗଲ୍‌ଫ ଖେଳାଳି କାର୍ସନ୍ ମାସ୍ ଏକଦା ୧୪ ଫୁଟ୍ ୫ ଇଞ୍ଚ୍ ଲମ୍ବର ଗଲ୍‌ଫ ଷ୍ଟିକ୍ ସାହାଯ୍ୟରେ ପ୍ରକୃତରେ ଗଲ୍‌ଫି ଖେଳି ଦର୍ଶକଙ୍କୁ ଚମକୃତ କରି ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ । ତାଙ୍କ ପୂର୍ବରୁ କେହି ଏତେ ଲମ୍ବା ଗଲ୍‌ଫ ଷ୍ଟିକ୍ ବ୍ୟବହାର କରି ନଥିଲେ । ଏତେ ଲମ୍ବା ଷ୍ଟିକ୍‌କୁ ବ୍ୟବହାର କରିବା କିଛି ସହଜ କଥା ନୁହେଁ । ସେ ବେଶ୍ କିଛି ବର୍ଷ ଅଭ୍ୟାସ କଲା ପରେ ସଫଳ ହୋଇଥିଲେ । ତାହା ପରେ ତାଙ୍କ ନାମ ପ୍ରଥମ ଥର ପାଇଁ 'ଗିନିଜ୍ ବୁକ୍'ରେ ସ୍ଥାନ ପାଇଥିଲା ।

# ଔଷଧୀୟ ଡାଲଚିନି

ଡାଲଚିନି ଏକ ଉପକାରୀ ଗଛ । ଏହି ଗଛ ଗଛର ପ୍ରତ୍ୟେକଟି ଅଂଶ ଯଥା-ପତ୍ର, ଚେର, ଡାଳ ଆମ ନିତିଦିନିଆ ଜୀବନରେ ଦରକାରରେ ଆସିଥାଏ । ତେଣୁ ଆପଣ ନିଜ ବାଡ଼ିରେ ହେଉ କି ଛାତରେ ହେଉ, ଏହି ଗଛ ଲଗାଇ ଏହାର ଉପକାର ପାଇପାରିବେ । ଡାଲଚିନିକୁ ସାଧାରଣତଃ ମସଲା ଭାବରେ ବ୍ୟବହାର କରାଯାଇଥାଏ । ଏହାର ଅନେକ ଔଷଧୀୟ ଗୁଣ ରହିଛି । ଯାହା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ଦେଇଥାଏ । ଥଣ୍ଡା ଜ୍ୱର ହୋଇଥିଲେ ଆପଣ ଏହାକୁ ବ୍ୟବହାର କରିପାରିବେ । ଏକ ଚାମଚ ମହୁ ସହ କିଛିମାତ୍ରାରେ ଡାଲଚିନି ଗୁଣ୍ଡ ମିଶାଇ ସକାଳ ଓ ସନ୍ଧ୍ୟାରେ ସେବନ କରିବାଦ୍ୱାରା ଥଣ୍ଡାରୁ ମୁକ୍ତି ମିଳିଥାଏ । ଏହାଛଡ଼ା ହାଲକା ଗରମ ପାଣିରେ ଏକଚାମଚ ଡାଲଚିନି ଗୁଣ୍ଡ ଓ ଚିମୁଟାଏ ଗୋଲମରିଚ ମୁଣ୍ଡ ଏବଂ ମହୁମିଶାଇ ପିଇବା ଦ୍ୱାରା ଏହି ସମସ୍ୟାରୁ ସବୁଦିନ ପାଇଁ ରକ୍ଷା ମିଳିଥାଏ ।



# ବାରମ୍ବାର ଛଣା ତେଲରେ ରୋଷେଇ କରୁଛନ୍ତି କି ? ବାହାରିପାରେ ହାର୍ଟ ଜନିତ ରୋଗ

**ସାଧାରଣତଃ ଘରମାନଙ୍କରେ ଛଣାଛଣି ପରେ ତେଲ ବଳିଯାଇଥାଏ । ଘରେ ବେଳେ ବେଳ ପୁରି ବା ପକୁଡ଼ି ଛଣା ଯାଇଥିବା ତେଲରେ ଅନ୍ୟ ତରକାରୀ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ଆପଣ କ'ଣ ଜାଣନ୍ତି କି ଥରେ ବ୍ୟବହୃତ ହୋଇଥିବା ତେଲକୁ ପୁଣିଥରେ ବ୍ୟବହାର କରିବା ଆମ ସ୍ୱାସ୍ଥ୍ୟପକ୍ଷେ କେତେ କ୍ଷତିକାରକ ? ତେବେ ଆସନ୍ତୁ ଜାଣିବା..**



– ବାରମ୍ବାର ବ୍ୟବହାର ହେଉଥିବା ତେଲ ଆମ ଶରୀରରେ କେତେକ ରୋଗ ମଧ ସୃଷ୍ଟି କରିଥାଏ । ଏହି ତେଲ ଦ୍ୱାରା ପ୍ରସ୍ତୁତ ତରକାରୀ ଖାଇଲେ କୋଲେଷ୍ଟ୍ରଲ୍ ସ୍ତର ମଧ ବୃଦ୍ଧି ପାଇଥାଏ । ଖାଲି ସେତିକି ନୁହେଁ, ହୃଦୟ ଜନିତ ରୋଗ ହେବାର ମଧ ଆଶଙ୍କା ଥାଏ । ଏମାନେ ଖାଦ୍ୟରେ ଲାଗିଲେ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରିଥା'ନ୍ତି।

– ତେଲକୁ ଲଗାତାର ଗରମ କରିଲେ ସେଥିରେ ଧୀରେଧୀରେ ଫ୍ରି ରେଡିକଲ୍ ସର ତିଆରି ହୋଇଥାଏ । ଏହା ଫଳରେ ସେହି ତେଲରେ ଆଣ୍ଟି ଆକ୍ସିଡ଼େଣ୍ଟ ମାତ୍ରା ସରିଯାଇଥାଏ ଓ ସେହି ତେଲରେ କର୍କଟରୁ କୀଟାଣୁ ଜନ୍ମ ନେଇଥା'ନ୍ତି ।

– ବେଳେ ବେଳେ ପକୋଡ଼ା, ଚିପସ ଆଦି ଫ୍ରାଏ ପାଇଁ ବ୍ୟବହୃତ ତେଲ ବଳକା ରହିଲେ, ସେଥିରେ ପୁଣି ଆଉ କିଛି ତେଲ ମିଶାଇ ଖାଦ୍ୟ ପ୍ରସ୍ତୁତ କରିବା ଉଚିତ ନୁହେଁ। ଏହା ମଧ ଶରୀର ପାଇଁ ଖୁବ କ୍ଷତିକାରକ ହୋଇଥାଏ। ଏହା ପେଟ ଜନିତ ସମସ୍ୟା ସୃଷ୍ଟି କରିଥାଏ। ଖାଦ୍ୟ ବିଳମ୍ବରେ ଓ ଭଲ ଭାବେ ହଜମ ହୋଇନଥାଏ। ଏପରି କରିବା ଦ୍ୱାରା ମୁଣ୍ଡ ବିନ୍ଧା, ଦୃଷ୍ଟି ଶକ୍ତି ଓ ସ୍ମରଣ ଶକ୍ତି ଉପରେ ମଧ କୁପ୍ରଭାବ ପକାଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଭିବୃଦ୍ଧିର ହାର...

ମଙ୍ଗଳବାର ଦିନ ଦୁଇଗୋଟି ବହୁପକ୍ଷୀୟ ଅନୁଷ୍ଠାନ ଚଳିତ ବର୍ଷ ପାଇଁ ସେମାନଙ୍କର ଆଞ୍ଚଳିକ ଅର୍ଥନୀତିକ ଦୃଷ୍ଟିକୋଣକୁ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ସେମାନେ ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୩-୨୪ ପାଇଁ ଭାରତର ଅଭିବୃଦ୍ଧି ସମ୍ଭାବନାକୁ ସାମାନ୍ୟ ହ୍ରାସ କରିଛନ୍ତି। ବିଶ୍ୱ ବ୍ୟାଙ୍କ ଆକଳନ କରିଛି ଯେ ଗତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଅଭିବୃଦ୍ଧିରେ କିଛିଟା ସନ୍ତୁଳନର ସଙ୍କେତ ଦେଖିବାକୁ ମିଳିଥିବା ସତ୍ତ୍ୱେ ଭାରତର ଅର୍ଥନୀତି ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରି ଉତ୍ସାହପ୍ରଦ ରହିବ, ଯାହା ଅବଶ୍ୟ ଦେଶର ଆର୍ଥିକ ନୀତି ଏବଂ ନିଷ୍ପତ୍ତି ନିର୍ଣ୍ଣୟକାରୀମାନଙ୍କ ନୈତିକତା ପାଇଁ ପ୍ରୋତ୍ସାହନ ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ ଯେ ଏହା ୨୦୨୨ ଅକ୍ଟୋବର ଏବଂ ଡିସେମ୍ବରରେ ଭାରତର ଜିଡିପି ଯଥାକ୍ରମେ ୭ ଏବଂ ୬.୬ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଥିଲା। ଜିଡିପିର ଏପରି ନିମ୍ନଗତି ନିମନ୍ତେ ଏହା ଯେଉଁସବୁ ପ୍ରମୁଖ ଘରୋଇ କାରକଗୁଡ଼ିକୁ ଦର୍ଶାଇଛି, ସେଗୁଡ଼ିକ ମଧ୍ୟରେ ରହିଛି ଉଧାର କରିବାର ମୂଲ୍ୟ ବେଳକୁ ବେଳ ବଢ଼ି ଚାଲିବା ଯାହା ଅନ୍ୟଥା ନମନୀୟ ଉପଭୋଗ ଚାହିଦାକୁ ଆଘାତ ପହଞ୍ଚାଇବ, ସରକାରୀ ଉପଭୋଗର ସମ୍ଭାବ୍ୟ ସଂକୁଚନ, ଯେତେବେଳେ କି ୨୦୨୨-୨୩ରେ ଆକଳନ କରାଯାଇଥିବା ୯.୫ ପ୍ରତିଶତରୁ ସେବା କ୍ଷେତ୍ରର ଅଭିବୃଦ୍ଧି ବିଗତ ତିନି ବର୍ଷ ଭିତରେ ୬.୭ ପ୍ରତିଶତ ନିମ୍ନ ସ୍ତରକୁ ଖସି ଆସିବ । ସେହିପରି ମାନିଲାସ୍ଥିତ ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଉଲ୍ଲେଖ କରିଛି ଯେ ଚୀନ୍ ଏବଂ ଭାରତର ପ୍ରତ୍ୟାବର୍ତ୍ତନକାରୀ ଅର୍ଥନୀତି ଏସିଆର ଅଭିବୃଦ୍ଧି ସମ୍ଭାବନାକୁ ଉର୍ଦ୍ଧ୍ୱ ଗତି ପ୍ରଦାନ କରିବ, କାରଣ ଏହାର ବିଶ୍ୱାସ ରହିଛି ଯେ ଏ ଦୁଇ ଅର୍ଥନୀତି ସୁସ୍ଥ ରହିବ। ଅପର ପକ୍ଷରେ, ବିଶ୍ୱ ବ୍ୟାଙ୍କ ଅର୍ଥନୀତିରେ ଯେଉଁ ସନ୍ତୁଳନ ବଜାୟ ରହିବା କଥା କହିଛି, ତାହା ଉପଭୋଗ କ୍ଷେତ୍ରରେ ଧୀମା ବୃଦ୍ଧି ଏବଂ କଷ୍ଟକର ବାହ୍ୟ ଅବସ୍ଥାଗୁଡ଼ିକ ଯୋଗୁଁ ସୃଷ୍ଟି ହୋଇଥିବା ଏହା ଅନୁଭବ କରିଛି । ପ୍ରାମାଣିକ ଭାବରେ କୁହାଯାଇପାରେ ଯେ ଅଭିବୃଦ୍ଧିର ହାର ଧିମା ହେବା ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ୍ ରାଜନଙ୍କ ଆଶଙ୍କାର ଏହା ଯାହା କେବଳ ଅତିରଞ୍ଜନ। ଗତ ମାସରେ ସେ କହିଥିଲେ ଯେ ଆର୍ଥିକ ବର୍ଷ ୨୦୨୩ର ତୃତୀୟ ତ୍ରୈମାସିକ ଅବଧିର ଅଭିବୃଦ୍ଧି ହାର 'ବିପଜ୍ଜନକ ଭାବରେ ଆମର ହିନ୍ଦୁ ଅଭିବୃଦ୍ଧି ହାରର ପାଖାପାଖି' ରହିଥିଲା । ତେବେ ଏସବୁ ସତ୍ତ୍ୱେ ଅର୍ଥନୀତିର ପୁନରୁଦ୍ଧାର ଘଟୁଥିବା ମନେ ହେଉଛି । ଭାରତରେ ବିଶ୍ୱ ବ୍ୟାଙ୍କର କଣ୍ଟ୍ରି ଡାଇରେକ୍ଟର ଥିବା ଅଗଷ୍ଟ ଟାନୋ କୁଆମେ ନିକଟରେ ଏକ ଟେଲିଭିଜନ ଚ୍ୟାନେଲକୁ କହିଛନ୍ତି ଯେ ଭାରତ ଯଦି ୨୦୩୦ ସୁଦ୍ଧା ଏକ ମଧ୍ୟମ-ଆୟକାରୀ ବର୍ଗର ଦେଶ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଅର୍ଥନୀତି ହେବାକୁ ଚାହେଁ, ତା'ହେଲେ ଏହା ୮ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବାର ଆବଶ୍ୟକତା ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏଥପାଇଁ ଅର୍ଥନୀତିର ସବୁ ସ୍ତରରେ ବ୍ୟାପକ ସଂସ୍କାର ଆବଶ୍ୟକ । ସୁସମ୍ବାଦଟି ହେଉଛି – ଅର୍ଥନୀତିର ଅଭିବୃଦ୍ଧି ହାରକୁ ତ୍ୱରାନ୍ୱିତ କରିବା ସହିତ ଦେଶକୁ ୨୦୪୭ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ ଅର୍ଥନୀତିରେ ପରିଣତ କରିବା ପାଇଁ ସରକାର ଅନେକ ଗୁଡ଼ିଏ ସଂସ୍କାରମୂଳକ କାମ ହାତକୁ ନେଇ ସାରିଛନ୍ତି: ଆର୍ଥିକ ପରିସ୍ଥିତି, ସେତେ ସ୍ୱଚ୍ଛଳ ନଥିଲେ ସୁଦ୍ଧା ନିୟନ୍ତ୍ରଣରେ ରହିଛି; ଜିଏସ୍ ?ଟି କାର୍ଯ୍ୟାନ୍ୱୟନ ତା'ର ସୁଫଳ ଆଣିବାକୁ ଆରମ୍ଭ କରି ସାରିଛି, ପ୍ରତ୍ୟକ୍ଷ ଟିକସ ସଂଗ୍ରହ ମଧ୍ୟ ଉତ୍ସାହଜନକ ରହିଛି; ଭିତ୍ତିଭୂମି ବିକାଶ କାର୍ଯ୍ୟ ଅଭୂତପୂର୍ବ ଗତିରେ ଚାଲୁ ରହିଛି ; ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସୁବ୍ୟବସ୍ଥିତ କରାଯିବା ସହିତ ପ୍ରଯୁକ୍ତି ବିଦ୍ୟାର ଗ୍ରହଣ ଏବଂ ଅଯୋଗ୍ୟ ହିତାଧିକାରୀମାନଙ୍କ ବହିଷ୍କରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଂଉଛି; ଏବଂ ସରକାର ଘରୋଇକରଣ, ଯାହା ଉଦାରୀକରଣର ସର୍ବାଧିକ ସାହସିକ ପଦକ୍ଷେପ, ତାହା ନେବାକୁ ମଧ୍ୟ ସରକାର ଆଉ ଭୟ କରୁ ନାହାନ୍ତି । ସେ ଯାହାହେଉ, ଅର୍ଥନୀତିକ ଅଭିବୃଦ୍ଧିର ଏକ ଅଧିକ ସ୍ପଷ୍ଟ ଏବଂ ଉତ୍ତମ ଚିତ୍ର ମେ' ମାସ ଶେଷ ସୁଦ୍ଧା ବାହାରିବ, ଯେତେବେଳେ ୨୦୨୨-୨୩ର ଶେଷ ତ୍ରୈମାସିକୀ ପାଇଁ ପ୍ରଥମ ଅଟକଳ ପ୍ରକାଶିତ ହେବ । ସେ ସମୟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ତା'ରି ଅନୁସାରେ ଗତ ବର୍ଷର ଭାରତର ଅଭିବୃଦ୍ଧି ଆକଳନକୁ ୯ ପ୍ରତିଶତରୁ ୮.୨ ପ୍ରତିଶତକୁ ହ୍ରାସ କରିଥିଲା । ତେଣୁ ପରିବର୍ତ୍ତନଶୀଳ ପୃଥ ?ବୀରେ ଅନିଶ୍ଚିତତାର ଘେର ବଜାୟ ରହିଥିବା ବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ବୃଦ୍ଧି ହାର ସଠିକ୍ ଭାବରେ ପ୍ରକାଶ କରିବା କ୍ୱଚିତ୍ ସମ୍ଭବପର। ତେବେ ନୀତି ନିର୍ମାତାମାନେ ଅର୍ଥନୀତି ପ୍ରତି କୌଣସି ହାନି ନ ପହଞ୍ଚୁବା ଭଳି ନୀତିମାନ ନିର୍ଦ୍ଧାରଣ କରିବା ଉଚିତ । ତାହା ହେଲେ ହିଁ ଲକ୍ଷ୍ୟ ସାଧନ ହୋଇ ପାରିବ।

# ବିଚାର ବିଭ୍ରମ! ବେଆଇନ ଜବରଦଖଲ ଓ ନିର୍ମାଣ !

ପ୍ରଦୋଷ କୁମାର ଦାସ



ଆମେ ପ୍ରତ୍ୟେକ ନାଗରିକ ତଥା ଦେଶବାସୀ/ ରାଜ୍ୟବାସୀ ଆମ ଦେଶର ଆଇନ କାନୁନ ବ୍ୟବସ୍ଥାକୁ ସମ୍ମାନ ଜଣାଇ ଆଇନାନୁମୋଦିତ ତଥା ସର୍ବ ସାଧାରଣ କଲ୍ୟାଣ ନିମିତ୍ତ ନିଜକୁ ଉତ୍ସର୍ଗ କରି ଆମ ଦେଶ ତଥା ରାଜ୍ୟ ଅଧୀନସ୍ଥ ପ୍ରତିଟି ସ୍ଥାନକୁ ଯୋଜନା ପୂର୍ଣ୍ଣ ଭାବେ ବ୍ୟବହାର ତଥା ଏହାର ନିୟୋଜନରେ ସମୁଚିତ ପଦକ୍ଷେପ ନେବାକୁ ସହଭାଗୀ ହେବା ଜରୁରୀ। ଏ କ୍ଷେତ୍ରରେ ଆଶଙ୍କିତ ସମସ୍ୟାର ସମାଧାନ ନିମନ୍ତେ ନିର୍ବିକାର ଚିତ୍ତରେ ଜନକଲ୍ୟାଣ ପାଇଁ ଆବଶ୍ୟକ ସହଯୋଗ ପ୍ରଦାନ କରି ନିଜକୁ ଜଣେ ସୁନାଗରିକ ଭାବେ ସାବ୍ୟସ୍ତ କରିବା ନିହାତି ଜରୁରୀ। ଯେକୌଣସି ସ୍ଥାନରେ ବସତି ସ୍ଥାପନ ବେଳେ ସେହି ସ୍ଥାନର ରାସ୍ତା ଘାଟ, ନାଳ, ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ରହିଥିବା ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଆମର ନିହିତ ସ୍ୱାର୍ଥ ସାଧନ ପାଇଁ କୌଣସି ବେଆଇନ ଜ୍ୱର ଦଖଲକୁ ପ୍ରୋତ୍ସାହନ ପ୍ରଦାନ ସର୍ବଦା ବର୍ଜନୀୟ ଅଟେ। ଜବରଦଖଲ ମୁକ୍ତ ଯୋଜନା ପ୍ରସ୍ତୁତ ସହର / ଗ୍ରାମଟିଏ ପ୍ରଥମେ ସ୍ଥାନୀୟ ଅଞ୍ଚଳବାସୀଙ୍କ ନିମନ୍ତେ ଆପେ ପ୍ରଶସ୍ତ ଚଳାଚଳ ପାଇଁ ସୁବ୍ୟବସ୍ଥିତ ହୋଇଯାଇଥାଏ। ଜନମଙ୍ଗଳ ନିମିତ୍ତ ଏପରି ରହିଥିଲେ ଯେକୌଣସି ଅଞ୍ଚଳ ତା'ର ଅଞ୍ଚଳବାସୀଙ୍କ ପାଇଁ ବରଦାନ ତୁଲ୍ୟ ସାବ୍ୟସ୍ତ ହୋଇଥାଏ।

ହେଲେ ସାଂପ୍ରତିକ ପରିସ୍ଥିତିରେ ଆମ ଦେଶରେ ଆମ ରାଜ୍ୟରେ ଅନେକ ଅଞ୍ଚଳ ତଥା ସର୍ବ ସାଧାରଣ ଚଳାଚଳ ସ୍ଥାନ, ଜଙ୍ଗଲ ଜମି, ଗୋଚର, ପତିତ ଜମି, ଜଳ ନିଷ୍କାସନ ପଥ, ବନ୍ଧ ବାଡ ଆଦି ବିଶେଷ କରି ସ୍ଥାନୀୟ ମୁଷ୍ଟିମେୟ, ପ୍ରଭାବଶାଳୀ, ଧର୍ମାନ୍ଧ ତଥା ସ୍ୱାର୍ଥନ୍ୱେଷୀ ଲୋକଙ୍କ ପାଇଁ ଜବର ଦଖଲରେ ଥିବା ସୂଚନାରୁ ପ୍ରକାଶ। ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦ ମଧ୍ୟ ଏହି ବେଆଇନ ଜ୍ୱର ଦଖଲ କାରଣରୁ ସୃଷ୍ଟ। ଏହାର ଆଶୁ ସମାଧାନ ସହ ପ୍ରତ୍ୟେକ ଅଞ୍ଚଳର ଐତିହ୍ୟ ଓ ସଂସ୍କୃତି ଓ ଭାଷା ଓ ଇତିହାସକୁ ବିଚାରକୁ ନେଇ ଏହି ବିବାଦର ଆପୋଷ ସମାଧାନ ହେବା ଜରୁରୀ। ଆମ ସମସ୍ତଙ୍କ ପାଇଁ ମଧ୍ୟ ଏହା ଗ୍ରହଣୀୟ ହେବାରେ ଆମ ଦେଶର ଆଇନ କାନୁନ ବ୍ୟବସ୍ଥା ରେ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗର ହାତ ବଢ଼ାଇବା ଆବଶ୍ୟକ।

ଜବରଦଖଲ ଓ ବେଆଇନ ନିର୍ମାଣକୁ ପ୍ରତିହତ ପାଇଁ ଦୃଢ଼ ଓ ତ୍ୱରିତ ପଦକ୍ଷେପ ନିଆଯିବା ବିଧେୟ। ସାଧାରଣତଃ ଆମ ଗାଁକୁ ଟିକିଏ ଅନୁଶୀଳନ କଲେ ପ୍ରତ୍ୟେକ ଆପେ ଜାଣିଥିବେ। ଗାଁର ଆରାଧ୍ୟ ଠାକୁରଙ୍କ ଜମିକୁ ଏହାର ବଂଶାନୁକ୍ରମିକ ମାର୍ଫତଦାର ରହିଆସିଥିବା ସମ୍ପୃକ୍ତ ସେବାୟତ ଓ ତାର ପରିବାର ଏହାକୁ ଯେନ ତେନ ପ୍ରକାରେ ହଡ଼ପ କରିନେଇ ଏହାର ମାଲିକାନା ଉପରେ ନିଜର ଦାବି ଉପସ୍ଥାପନ କରିବାରେ ଟିକିଏ ସଙ୍କୋଚ ମଧ୍ୟ କରୁନାହାନ୍ତି। ଏକର ଏକର ଜମିର ମାଲିକ ଆରାଧ୍ୟ ଠାକୁରଙ୍କ ଦୈନନ୍ଦିନ ନିତିକାନ୍ତି ପ୍ରଭାବିତ ହୋଇ ଠାକୁରଙ୍କୁ ଉପବାସ ରଖି ଜମି ମାର୍ଫତଦାର ଭୁରି ଭୋଜନ ରେ ଗହମ ନିଦ ଯାଉଛି। ଖାସ ଏହି କାରଣରୁ ଜବରଦଖଲକାରୀଙ୍କ ବିରୋଧରେ ଗାଁ ଗାଁ ରେ ଗଣ୍ଡଗୋଳ ସୃଷ୍ଟି ହୋଇ ନ୍ୟାୟ ପାଇଁ ବିଭିନ୍ନ କୋର୍ଟରେ ବର୍ଷ ବର୍ଷ ଧରି ମାଲିମୋକଦ୍ଦମା ଚାଲିଥିବା ପ୍ରକାଶ।

ଏବେ ଟିକିଏ ବର୍ଷା ହେଲେ ସାଧାରଣ ଗାଁ' କଣ ଅନେକ ସହରରେ ମଧ୍ୟ କୃତ୍ରିମ ବନ୍ୟା ଦେଖିବାକୁ ମିଳୁଛି। ଜନବସତିରେ ବର୍ଷା ଜଳ ପ୍ଲାବନ ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ ଜନଜୀବନ ଏହି କୃତ୍ରିମ ବନ୍ୟା ପାଇଁ ବେଶ ପ୍ରଭାବିତ ହେଉଛି। ହେଲେ ଏ କ୍ଷେତ୍ରରେ ପୁରାତନ ଜମିର ସାବକ ମାନଚିତ୍ରରେ ଚିହ୍ନଟ ବ୍ୟତିରେକ ପୂର୍ବରୁ ସ୍ଥିରୀକୃତ ଯୋଜନାବଦ୍ଧ ଉକ୍ତ ଜଳ ନିଷ୍କାସନ ପଥକୁ କେହି ସରଜମିନ ଖୋଜିଲେ ମଧ୍ୟ ଆଉ ଦେଖିବାକୁ ମିଳୁନାହିଁ। ପ୍ରଭାବଶାଳୀ ଲୋକଙ୍କ ପୃଷ୍ଠପୋଷକତାରେ ଜବରଦଖଲକାରୀ ଏହାକୁ ହଡ଼ପ କରିନେଇ ଏହା ଉପରେ ବେଆଇନ୍ ନିର୍ମାଣ କରି ଏଥିରେ ନିଜର ସ୍ଥାୟୀ ଅଧିକାର ସାବ୍ୟସ୍ତ କରି ଅପରପକ୍ଷଙ୍କୁ ନାଲି ଆଖି ଦେଖାଉଛନ୍ତି।

ଗୋଚର ଜମିର ସୁରକ୍ଷା ପାଇଁ ସରକାରଙ୍କ ସୁଚିନ୍ତିତ ପଦକ୍ଷେପ ନିହାତି ଆବଶ୍ୟକ ଥିଲା ବେଳେ ଏହା କ୍ରମେ ଅନେକ ସ୍ଥାନରେ ମୁଷ୍ଟିମେୟଙ୍କ କବଜାରେ ରହିଛି। ଫଳରେ ସ୍ଥାନୀୟ ଚାରଣରତ ପ୍ରାଣୀଧନ କ୍ଷୁଧା ଜର୍ଜରିତ ପରିସ୍ଥିତି ରେ ରହୁଥିବା ସଭିଏଁ ଜାଣନ୍ତି। କେହି କେହି ଜ୍ୱରଦଖଲକାରୀ ରାଜସ୍ୱ ବିଭାଗର ସଲାସୁତରାରେ ଜଙ୍ଗଲ ଓ ଗୋଚର ଜମିରେ ବେଆଇନ ପଥର ଖନନ କରିବା ସହିତ ଖଣି ଖାଦାନ କରି ଏହାକୁ ମୁକୁଳା ପକାଇ ସ୍ଥାନୀୟ ପ୍ରାଣୀ ଓ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ସୃଷ୍ଟି କରିରଖିଥିବା ଦେଖିବାକୁ ମିଳେ।

ସ୍ଥାନୀୟ ଅଞ୍ଚଳର ଜଙ୍ଗଲ ବୃକ୍ଷ ସୁରକ୍ଷା ଓ ପାହାଡ ପର୍ବତ ମଧ୍ୟ ଜବରଦଖଲରୁ ମୁକ୍ତ ନୁହେଁ। ବେଆଇନ ଜଙ୍ଗଲ କଟା ଓ ଜଙ୍ଗଲ ଜମି ହଡ଼ପ କାରଣରୁ ଜଙ୍ଗଲରେ ପ୍ରାକୃତିକ ବସବାସ କରୁଥିବା ପ୍ରାଣୀ ସମୂହ ଜନବସତି ମୁହାଁ ହେଉଛନ୍ତି। ଫଳରେ ମଣିଷ ଓ ଜଙ୍ଗଲି ଜନ୍ତୁଙ୍କ ମଧ୍ୟରେ ଛକାପଞ୍ଝା ଲାଗି ଉଭୟଙ୍କ ଜୀବନ ବିପନ୍ନ ହେଉଛି।

ଭାରତରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ଧର୍ମର ଲୋକଙ୍କ ବସବାସ ରହିଛି। ଏହାକୁ ଭିତ୍ତି କରି ସ୍ଥାନୀୟ ଜନବସତି ନିଜ ନିଜର ଧର୍ମ ଓ ଭକ୍ତି ତଥା ବିଶ୍ୱାସକୁ ଭିତ୍ତି କରି ତଥା ଏଥିରେ ଆପଣା ଭାବପ୍ରବଣତାକୁ ପ୍ରାଧାନ୍ୟ ଦେଇ ଯେ ଯାହାର ଯେଉଁଠି ସୁବିଧା ହେଲା, ସରକାରୀ ଜମିରେ ବିଭିନ୍ନ ଧର୍ମାନୁଷ୍ଠାନ ସ୍ଥାପନା କରୁଥିବା ଦେଖିବାକୁ ମିଳେ। ହେଲେ ଏହାର ନିର୍ମାଣ ପ୍ରାୟ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ନଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଅଯଥା ଅଶାନ୍ତି, ବାଦାନୁବାଦ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ଟ୍ରାଫିକ' ସମସ୍ୟାର ମୁଖ୍ୟ କାରଣ ହେଉଥିବା ଅଭିଯୋଗ ହୋଇଥାଏ । ବିଭିନ୍ନ ସ୍ଥାନରେ ଓ ବିଭିନ୍ନ ପ୍ରସଙ୍ଗକୁ ନେଇ ଜବରଦଖଲ ଓ ଏହାର ଉଚ୍ଛେଦ ପାଇଁ ରାଶି ରାଶି ମାମଲା ଆମ ଦେଶ ତଥା ରାଜ୍ୟ ର ବିଭିନ୍ନ କୋର୍ଟ ରେ ମଧ୍ୟ ବିଚାରାଧୀନ ରହିଛି। କିଛି ସ୍ୱାର୍ଥନ୍ୱେଷୀଙ୍କ ବିଚାରମୂଢତା ପାଇଁ ଅଯଥା ଏଭଳି ମାମଲାରେ ବିଚାର ପାଇଁ ମାନ୍ୟବର କୋର୍ଟଙ୍କ ମୁଲ୍ୟବାନ ସମୟ ଅପଚୟ ମଧ୍ୟ ହେଉଥିବା ଅତ୍ୟନ୍ତ ଦୁଃଖର ବିଷୟ ଅଟେ।

ଏହି ଭଳି ଅବିଚାରିତ ବେଆଇନ ଧର୍ମାନୁଷ୍ଠାନ ନିର୍ମାଣ ପ୍ରସଙ୍ଗରେ ଆମ ରାଜ୍ୟ ଓଡ଼ିଶାର ମାନ୍ୟବର ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ଏ ବାବଦରେ ରାଜ୍ୟ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ଜବାବ୍ ତଲବ କରିଥିବା ପ୍ରକାଶ। ସୂଚନା ମୁତାବକ, ବେଆଇନ ଧର୍ମାନୁଷ୍ଠାନ ଉଚ୍ଛେଦ ସମ୍ପର୍କୀତ 'ୟୁନିଅନ ଅଫ୍ ଇଣ୍ଡିଆ ବନାମ ଷ୍ଟେଟ୍ ଅଫ୍ ଗୁଜରାଟ 'ସହିତ ଅନ୍ୟାନ୍ୟ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ୨୦୧୮, ଜାନୁଆରୀ ୩୧ ରେ ପ୍ରଦାନ କରିଥିବା ନିର୍ଦ୍ଦେଶ ଅନୁସାରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କ ଠାରୁ ଏ ବାବଦରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ। ସରକାରୀ ଜମିରେ ବିନା ଅନୁମତିରେ ତଥା ଜବରଦଖଲ ପୂର୍ବକ ଗଢି ଉଠିଥିବା ବିଭିନ୍ନ ଧର୍ମାନୁଷ୍ଠାନ ଗୁଡିକ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ରାଜ୍ୟ ସରକାର ଏ ମଧ୍ୟରେ ମାନ୍ୟବର ହାଇକୋର୍ଟଙ୍କ ଇଜଲାସରେ ଜବାବ୍ ଦାଖଲ କରିଥିବା ପ୍ରକାଶ। ସୂଚନା ମୁତାବକ ଗତ ୨୦୨୨ ମସିହା ନଭେମ୍ବର ମାସ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ମୋଟ ୧୮ ହଜାର ୬ ଶହ ୨୧ ଟି ଧର୍ମାନୁଷ୍ଠାନ କୁ ଚିହ୍ନଟ କରାଯାଇଥିବା ବେଳେ ଏଥି ମଧ୍ୟରୁ ୨ ହଜାର ୧୨ଟିକୁ ଉଚ୍ଛେଦ କରାଯାଇଥିଲା ବୋଲି ସରକାରଙ୍କର ଗତ ୧୪ ଡିସେମ୍ବର ମାସ ୨୦୨୨ ରେ ସତ୍ୟପାଠରେ କରାଯାଇଥିବା ଉଲ୍ଲେଖରୁ ସୂଚନା ମିଳେ। ଏହି ସତ୍ୟପାଠରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସ୍ୱରୂପ, ଉପରୋକ୍ତ ବେଆଇନ ଧର୍ମାନୁଷ୍ଠାନ ନିର୍ମାଣ ପ୍ରସଙ୍ଗରେ ଟ୍ରାଫିକ ସମସ୍ୟା ଓ ଜନସାଧାରଣଙ୍କ ପାଇଁ ବାଧା ସୃଷ୍ଟି କରୁନଥିବା ବିଷୟକୁ ବିଚାରକୁ ନେଇ ୧୦ ହଜାର ୭୭୮ଟିକୁ ନିୟମିତ କରଣ ଓ ବିଶେଷ କାରଣରୁ ଅନ୍ୟ ୫୬୩ଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ପ୍ରକାଶ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ଅନେକ ଧର୍ମାନୁଷ୍ଠାନ କେତେକ ଅଞ୍ଚଳରେ ବ୍ୟକ୍ତିଗତ ଭାବେ ନିଜସ୍ୱ ମାଲିକାନା ଥିବା ଲୋକଙ୍କ ଜମି ରେ ଗଢି ଉଠିଥିଲେ ମଧ୍ୟ ଏହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଅଯଥା ଟ୍ରାଫିକ ସମସ୍ୟାର କାରଣ ହୋଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱଚ୍ଛନ୍ଦ ଚଳାଚଳରେ ବାଧା ସୃଷ୍ଟି କରୁଥିବା ତଥା ଶବ୍ଦ ପ୍ରଦୂଷଣର କାରଣ ହେଉଥିବା ଅଭିଯୋଗ ହେଉଥିବାରୁ ଅତିଷ୍ଠ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ କୋର୍ଟ ରେ ମାମଲା ଦାୟର ହୋଇଛି। ଏହାକୁ ମଧ୍ୟ ଶାନ୍ତି ଶୃଙ୍ଖଳା, ମାନବିକତା ଦୃଷ୍ଟିରୁ ବିଚାର କରିବା ଆବଶ୍ୟକ ଅଟେ।

ଗାଁ ମଝି ଦାଣ୍ଡରେ ଅର୍ଥାତ୍ ରାସ୍ତା ମଝିରେ କ୍ଲବ ଘର, ଆଡ୍ଡା ସ୍ଥଳୀ, ସ୍ଥାୟୀ ଯାତ୍ରା ପେଣ୍ଡାଲ, ମଣ୍ଡପ, ଭାଗବତ ଘର, ବିଭିନ୍ନ ଦେବାଦେବୀଙ୍କ ମନ୍ଦିର, ବଡ଼ ବଡ଼ ତୁଳସୀ ଚଉରା ନିର୍ମାଣ ହୋଇଥିବା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ଏଭଳି ନିର୍ମାଣ ଗାଁ ଅବା ସହରର ମଝି ରାସ୍ତା କୁ ଅବରୋଧ କରି ସାଧାରଣତଃ ସ୍ୱଭାବିକ ଭାବରେ ସମସ୍ତଙ୍କ ଯାତାୟତରେ ବାଧା ଉପୁଜାଇବା ଭଳି ପରିସ୍ଥିତି ସୃଷ୍ଟି କରିଥାଏ । ସାଧାରଣତଃ ଅନେକ ଲୋକେ ନିଜ ଗୃହ ନିର୍ମାଣ ସର୍ବ ସାଧାରଣ ଯାତାୟତ ରାସ୍ତାକୁ ମଡାଇ, ନିଜ ଦାଣ୍ଡ ଦୁଆର ପାହାଚକୁ ରାସ୍ତା ଉପରେ ନିର୍ମାଣ କରିବା ଏକ ପ୍ରକାର ମୁଢତା ସମାନ ଅଟେ । ଜରୁରୀ ପରିସ୍ଥିତି ରେ ଏହି ସଂକୁଚିତ ପଥ ଦେଇ ଦମକଳ (ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ) ଗାଡ଼ି ସମେତ ଅନ୍ୟାନ୍ୟ ଜରୁରୀ ସହାୟତା ପ୍ରଦାନ କାରୀ ଯାନବାହାନ ସହଜରେ ପଶିନପାରି ଅଯଥା ହଇରାଣ ହୋଇ ଶେଷରେ ଅସହାୟକୁ ସହଯୋଗର ହାତ ବଢ଼ାଇ ନପାରି ଘଟଣା ସ୍ଥଳରେ ପହଞ୍ଚି ପାରିନାହିଁ। ଖାସ ଏହି କାରଣରୁ ମଧ୍ୟ ଅସୁସ୍ଥ ରୋଗୀଟିଏକୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ଆସିଥିବା ଆମ୍ବୁଲାନ୍ସ ଗାଡିଟିଏ ଗାଁ / ସହର ମଝି ରାସ୍ତା ଉପରେ ଏହି ଭଳି ରାସ୍ତା ଅବରୋଧ କାରୀ ବେଆଇନ ନିର୍ମାଣ କାର୍ଯ୍ୟ ପାଇଁ ରାସ୍ତା ଅତିକ୍ରମ କରିବାରୁ ବଞ୍ଚିତ ହୋଇଥାଏ। ଜନବସତିର ଅଣ ଓସାରିଆ ରାସ୍ତା ଅତିକ୍ରମ କରିନପାରି ଆମ୍ବୁଲାନ୍ସଟି ଜରୁରୀ ରୋଗୀଟିର ଘର ମୁହଁରେ ସାହାଯ୍ୟ ପ୍ରଦାନ ପାଇଁ ଅସହାୟ ହୋଇପଡିଥାଏ । ସେହି ଭଳି ସହରରୁ ଗ୍ରାମାଞ୍ଚଳ ଯାଏଁ ସର୍ବ ସାଧାରଣ ଯାତାୟତ ରାସ୍ତା ତଥା ଜାତୀୟ ରାଜପଥ ଧାର ସଂଲଗ୍ନ ରାସ୍ତା ଉପରକୁ ସ୍ଥାୟୀ ଓ ଅସ୍ଥାୟୀ ଦୋକାନ ଓ ପସରା ଖୋଲି ବେପରୁଆ ଭାବରେ ବେପାର କରିବା ସଭିଏଁ ଜାଣନ୍ତି। ଆମେ ମଧ୍ୟ ସବୁ ଜାଣି ଅଜଣାଙ୍କ ଭଳି ଦୃତ ଗତିରେ ରାସ୍ତା/ ଏନ୍ ଏଚ୍ ରେ ଗାଡ଼ି ଠିଆ କରି ବେପାର ବଣିଜ ପାଇଁ ଏହି ଭଳି ଜ୍ୱରଦଖଲକାରୀ ଦୋକାନୀଙ୍କ ଦୋକାନରେ ସଉଦା କିଣିବାକୁ ପଛାଇନଥାଉ। ଏହା ଅଯଥା ଛୋଟ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରି ମୂଲ୍ୟବାନ ଧନଜୀବନ ନାଶର କାରଣ ହୋଇଥାଏ। ସ୍ଥାନୀୟ ପ୍ରଶାସନ, ପୁଲିସ, ସଚେତନ ନାଗରିକ, ସମାଜ ସେବୀ, ବୁଦ୍ଧିଜୀବୀ ଏଥିପ୍ରତି ସଜାଗ ହେବା ସହ ଏଦିଗରେ ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ ସମର୍ଥନ ଓ ସହଯୋଗ ପ୍ରଦାନ କରିବା ନିତାନ୍ତ ଜରୁରୀ। କାରଣ ଜ୍ୱରଦଖଲ ଓ ବେଆଇନ ନିର୍ମାଣ କୌଣସି ସ୍ଥିତିରେ ମଧ୍ୟ ଆମ ଉନ୍ନତି ପାଇଁ ସହଯୋଗ ସାବ୍ୟସ୍ତ ହେବନାହିଁ। ସୁତରାଂ ଏହି ଭଳି ଜ୍ୱରଦଖଲ ଓ ବେଆଇନ ନିର୍ମାଣ ଆମ ପ୍ରଗତି ଓ ଜୀବନର ଗତି ରୋଧକ ହୋଇଥାଏ। ଏଥିପ୍ରତି ଆମକୁ ଆମ ମଧ୍ୟରେ ସମୁଚିତ ଆତ୍ମଚିନ୍ତନ ଓ ଆତ୍ମାନୁଶୀଳନତାର ଆବଶ୍ୟକତା ରହିଛି।

ସ୍ତମ୍ଭକାର , ସା/ପୋ:- ନାଚୁଣୀ, ଜିଲ୍ଲା:-ଖୋର୍ଦ୍ଧା, ପିନ୍:- ୭୫୨୦୩୪
ମୋ:୬୩୭୦୪୯୫୯୪୪

# ସିପାହୀ ବିଦ୍ରୋହର ପ୍ରଥମ ସହିଦ : ମଙ୍ଗଳ ପାଣ୍ଡେ

ଗୋପୀନାଥ ଦାଶ



ସିପାହୀ ବିଦ୍ରୋହର ପ୍ରଥମ ସହିଦ କହିଲେ ମଙ୍ଗଳ ପାଣ୍ଡେଙ୍କୁ ବୁଝାଯାଏ । ସେ ବ୍ରିଟିଶ ସେନାରେ ସାଧାରଣ ସୈନିକ ଭାବେ ଚାକିରି କରିଥିଲେ । ପରେ ସେନା ବାହିନୀରେ ଚାଲିଥିବା ହିନ୍ଦୁ-ମୁସଲମାନ ବିରୋଧୀ କାର୍ଯ୍ୟକଳାପଗୁଡ଼ିକୁ ପସନ୍ଦ କରି ନପାରି, ବିଦ୍ରୋହୀ ହୋଇଉଠିଥିଲେ । ଉପରିସ୍ଥ କର୍ମଚାରୀମାନଙ୍କ ନିର୍ଦ୍ଦେଶ ପାଳନ ନକରିବା ପାଇଁ ସିପାହୀମାନଙ୍କୁ ଆହ୍ୱାନ ଦେଇ ସେ ବ୍ରିଟିଶ ସେନା ଅଫିସରମାନଙ୍କ ବିଷ ଦୃଷ୍ଟିରେ ପଡ଼ିଥିଲେ । ଏହାର ପରିଣାମ ସ୍ୱରୂପ ସେ ଅସ୍ତ୍ର ଧାରଣ କରି ଦୁଇ ଜଣ ବ୍ରିଟିଶ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ । ବିଚାର ପରେ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା । ତତ୍କାଳୀନ ଆଗରା ଓ ଅଓ୍ୱଧ ରାଜ୍ୟ ଅନ୍ତର୍ଗତ ବଲିୟାର ନାଗଓ୍ୱା ଗ୍ରାମର ଏକ ଭୂମିହାର ବ୍ରାହ୍ମଣ ପରିବାରରେ ମଙ୍ଗଳ ଜନ୍ମ ହୋଇଥିଲେ । ଅଠର ବର୍ଷ ବୟସରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେନା ବାହିନୀରେ ଯୋଗଦେଇଥିଲେ । ୩୪ ବେଙ୍ଗଲ ନେଟିଭ୍ ଇନ୍‌ଫାଣ୍ଟ୍ରିରେ କାମ କରୁଥିବା ବେଳେ ସେ ଏନ୍‌ଫିଲଡ୍ ରାଇଫଲରେ ବ୍ୟବହାର କରାଯାଉଥିବା ଗୁଳି ଗ୍ରହଣ ନକରିବା ପାଇଁ ମନା କରିଦେଇଥିଲେ । ଗୁଳିରେ ଗାଈ ଓ ଘୁଷୁରି ଚର୍ବି ବ୍ୟବହାର କରାଯାଉଥିଲା । ଏହା ଦ୍ୱାରା ଧର୍ମ ନଷ୍ଟ ହେବାର ଆଶଙ୍କା ଯୋଗୁଁ ସେ ବିରୋଧ କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ରମେ ହିଂସାତ୍ମକ ହୋଇଥିଲା ଏବଂ ରାଗରେ ସେ ଜଣେକ ଲେଫ୍‌ଟନାଣ୍ଟ ବଗ ଓ ସର୍ଜେଣ୍ଟ ମେଜର୍ ହ୍ୟୁସନ୍‌ଙ୍କୁ ହତ୍ୟା କରିବା ପାଇଁ ଗୁଳି ଚଳାଇଥିଲେ । ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହେବା ପରେ ମଙ୍ଗଳ ତରବାରିରେ ଆକ୍ରମଣ କରିଥିଲେ । ତେବେ ଦୁହେଁ ବର୍ତ୍ତି ଯାଇଥିଲେ । ମଙ୍ଗଳଙ୍କୁ ସମର୍ଥନ ଦେଇଥିଲେ ଜିମାଦାର ଈଶ୍ୱରୀ ପ୍ରସାଦ। ୧୮୫୭ ଏପ୍ରିଲ ଆଜିର ଦିନରେ ବାରକପୁରରେ ମଙ୍ଗଳଙ୍କୁ ଫାଶୀ ଦିଆଯାଇଥିଲା । ତେର ଦିନ ପରେ ଈଶ୍ୱରୀଙ୍କୁ ମଧ୍ୟ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ମଙ୍ଗଳଙ୍କୁ ଯେଉଁଠାରେ ଫାଶୀ ଦିଆଯାଇଥିଲା ଏବେ ସେଠାରେ ରହିଛି ତାଙ୍କ ସ୍ମୃତିରେ ବିକଶିତ ସହିଦ ମଙ୍ଗଳ ପାଣ୍ଡେ ମହା ଉଦ୍ୟାନ । ଭାରତ ସରକାର ୧୯୮୪ରେ ତାଙ୍କ ନାମରେ ଏକ ଡାକ ଟିକେଟ୍ ପ୍ରଚଳନ ପୂର୍ବକ ତାଙ୍କୁ ସମ୍ମାନିତ କରିଥିଲେ ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ: ୮୮୯୫୨୯୬୧୬୭




## ପ୍ରିୟା ଗୋ ତୁମେ ଆସିବ କେବେ

ବାବୁଲା ସେଠୀ



ପ୍ରିୟା ଗୋ ତୁମେ ଆସିବ କେବେ
ସାଜି ମୋର ବୋହୁରାଣୀ
ରହିଛି ତୁମ ପ୍ରତୀକ୍ଷାରେ ସାଥି
କରିବି ମୁଁ ଘରଣୀ ।

ଆସିଲେ ତୁମେ ପୁରି ମୋ ଉଠିବ
ଘରଟି ମନ୍ଦିର ପରି
ତୁମ ପ୍ରତୀକ୍ଷାକୁ ଚାହିଁଛି ମୁଁ ରହି
କରନି ଆଉ ଡେରି ।

ଆସିଲେ ତୁମେ ଚଉଁରା ମୂଳରେ
ଜାଳିବ ସଞ୍ଜ ବତୀ
ଦେଖୁଥିବି ସଦା ରୂପକୁ ତୁମର
ଯାଉଥିବ ଦିନ ବିତି ।

ପାଖରେ ମୋ ବସି ଅଳପ ହସି
କହିବ କଥା ଧୀରେ
ଶୁଣୁଥିବି ମୁହିଁ କଥାକୁ ତୁମର
ନଚାହିଁ କାହିଁ ବାରେ ।

ତୁମେ ଚାହୁଁଥିବ ମତେ ଗୋ ପ୍ରିୟା
ମୁଁ ଚାହୁଁଥିବି ତତେ
ସବୁ କଥାରେ ଭାଗ କରିବା
ସୁଖଦୁଃଖ ଆସୁ ଯେତେ ।

ଖୁସିରେ ଆମେ ଦିନ ସାରିବା
ଆସିଲେ ଯେତେ ଝଡ଼
ପ୍ରେମ ତ ଆମର ସାଥିରେ ଅଛି
କରିବା ତାକୁ ବାଡ଼ ।

ଯେବେ ହେବ ମୋର ପ୍ରତୀକ୍ଷାର ଅନ୍ତ
ସ୍ୱପ୍ନ ହେବ ମୋର ସତ
ଭୁଲିଯିବା ଆମେ ଖୁସିରେ ନିଜକୁ
ଦେଖିବ ସାରା ଜଗତ ।

ଅରଖପୁର, ପୁରୁଷୋତ୍ତମପୁର, ଗଞ୍ଜାମ

## ଏଠି ତ ସବୁ ଦରକାର

ନୂତନ କୁମାର ବେହେରା



ଦୁନିଆଁରେ ବଞ୍ଚି ରହିବାକୁ ମୁହୂର୍ତ୍ତଟିଏ
ଏଠି ତ ସବୁ ଦରକାର
ସ୍ଥାନ କାଳ ପାତ୍ରର ଖୋଜିବା
ଅନୁସାରେ
ଲୁଣ ଲଙ୍କା ଶାଗ ପେଜଠାରୁ ଲବଙ୍ଗ
ଛୁଞ୍ଚି ସୂତାଠାରୁ ଆକାଶର
ଉଡାଜାହାଜ
କାଚରୁ କାଞ୍ଚନ ସବୁ କିଛି
ଆବଶ୍ୟକ ହୁଏ ମଣିଷମାନଙ୍କର
ଏଠି ତ ସବୁ ଦରକାର

ମାଆର ମମତାଠାରୁ ପ୍ରିୟାର ପ୍ରେମ
ଭାଇର ଭାତୃତ୍ୱଠାରୁ ବନ୍ଧୁର ବନ୍ଧୁତ୍ୱ
ସହଯୋଗ ସଦିଚ୍ଛା ଆପଣାପଣ
ଭରସା ବିଶ୍ୱାସର ଆନ୍ତରିକତା
ଭାବ ଭାଷା ସେବା ଯତ୍ନ ଦାନ
ପ୍ରତିଦାନ
ପୁଣି ଜ୍ଞାନ ଧନ ମାନ ପଦ ପଦବୀ
ମନ ନେଇ କିଏ ଖୋଜେ
କେତେ ପ୍ରକାର
ଏଠି ତ ସବୁ ଦରକାର

ଏତେ ସବୁ ପରେ ମଧ୍ୟ ଅଭାବ
ଆମ ମଣିଷମାନଙ୍କ ପାଇଁ ହୁଏ ନିଅଣ୍ଟ
ମହଙ୍ଗା ବଜାରର ମାଡ଼
ଈଶ୍ୱର ଦେଇଛନ୍ତି ଅଯାଚିତ ଯା' ଯା'
ତାପରେ ବି ହୋଇଛି ହୋଇ ଚାଲିଛି
ଏତେ ଏତେ ସବୁ ଉଦ୍ଭାବନ ଆବିଷ୍କାର
ତଥାପି ଶାନ୍ତି କାହିଁ ମନରେ ଆସେ
ବିକାର
ଏଠି ତ ସବୁ ଦରକାର

ଆବଶ୍ୟକତାର ନାହିଁ ନିର୍ଦ୍ଦିଷ୍ଟ ପରିମାଣ
ସମୁଦ୍ରକୁ ଜଳ ନିଅଣ୍ଟ ହେଲା ପରି
ପେଟ ପୁରେ ମେଣ୍ଟେନା ମନର କାମନା
ଯଦିଓ ମଣିଷ କହେ ବାରମ୍ବାର
ତଥାଗତ ବୁଦ୍ଧଙ୍କର ଅମୃତ ବାଣୀଟିକୁ
'କାମନାର ବିନାଶରେ
ଦୁଃଖର ବିନାଶ'
କରେ ନାହିଁ ଜୀବନରେ ପ୍ରୟୋଗ
ହୁଏ କ୍ଳାନ୍ତ ବିବଶ ନାଚାର
ଏଠି ତ ସବୁ ଦରକାର

ଆବଶ୍ୟକତାରୁ ଅଧିକ ସବୁ ଅନର୍ଥ
ଖାଇ ଦେଲେ ବେଶି ହୁଏ ବଦହଜମୀ
ଗରା ଭରି ଗଲେ ପଡ଼େ ଉଛୁଳି
ନଈ ପୁରିଲେ ମାଡ଼ି ଆସେ ବନ୍ୟା
ଆବଶ୍ୟକତାକୁ ନେଇ ଚଳିଲେ
ଶୃଙ୍ଖଳାରେ
ସମ୍ଭବ ହୁଏ ଭାରସାମ୍ୟତା ବଜାଇ
ରଖିବା
ସଂଯମତାରେ ମନ ଇନ୍ଦ୍ରିୟମାନଙ୍କୁ
କଲେ ଏକ
ଅଭାବ ରହିବ ନାହିଁ କେବେ କାହାର
ଆବଶ୍ୟକତାକୁ ନେଇ କଲେ ଉଚିତ
ବିଚାର
ଏଠି ତ ସବୁ ଦରକାର...

+ ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## ଖରା

ଦିଲିପ୍ କୁମାର ତ୍ରିପାଠୀ



ଖରାଦିନେ ତାତି ଯାଏ ପାଦ
ବହିଯାଏ ସ୍ୱେଦ,
ପୋଡିଯାଏ ଦେହ, ମନ, ବନ
ନିଆଁ ବର୍ଷା କରେ ଗଗନ
ଆଖିରୁ ଲୁହ ନୁହେଁ ଲହୁ ଝରେ
ତୁମ ଘରେ ତ' ଏବେ ଶୀତ ଋତୁ
ତୁମର କ'ଣଟା ସରେ ?

ଲୁଗା ଚିପୁଡ଼ିଲା ପରି ଚିପୁଡି ଦିଏ
ଶେଷ ବୁନ୍ଦାକ ବି ବାହାରିଯାଏ
ସମସ୍ତେ ଦେଖନ୍ତି, ସମସ୍ତେ ଶୁଣନ୍ତି
କେହି କଣ କେବେ ପଚାରିଦିଏ ...!

ରାସ୍ତା କଡରେ, ବସ୍ତା ଘୋଡ଼େଇ
ଶୋଇଯାଉ ଆମେ ଆଧାର ହୀନ
ଅସ୍ତିତ୍ୱ ଆମର କେବେବି ନଥିଲା
ବସ୍ତିରେ ଆମ ନିଆଁ ଲାଗିଗଲା
ତପ୍ତ ମାଟିରେ ,ସୁପ୍ତ ସ୍ଥିତିରେ
ଶସ୍ତାରେ ଗଲା ଜୀବନ
ନର୍କ ଯନ୍ତ୍ରଣା ଅର୍ଜ୍ଜ ଦେଉଛି
ପଡ଼ି ରହି ଖାଲି କାଟୁଛୁ ଦିନ ।

ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ୍
ମୋ:୯୭୭୮୧୦୬୧୦୫









# ଧ୍ୱନି ପ୍ରତିଧ୍ୱନି





କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮୨)

## ହନୁମାନଙ୍କ ଗନ୍ଧମାଦନ ପର୍ବତ ଆଣିବା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗୋଟି ଗୋଟି ହୋଇ ରାବଣର ପୁତ୍ର ଓ ବଳଶାଳୀ ସେନାପତିମାନେ ମୃତ୍ୟୁମୁଖରେ ପଡ଼ିଥିଲେ। କୁମ୍ଭକର୍ଣ୍ଣ ପରି ଭାଇ ଓ ଇନ୍ଦ୍ରଜିତ ପରି ପୁଅକୁ ଯୁଦ୍ଧରେ ହରାଇଥିଲା ରାବଣ। ଏବେ ତାର ବଳଶାଳୀ ଓ ମାୟାବୀ ପୁତ୍ର ମହୀରାବଣର ମୃତ୍ୟୁ ତାକୁ ବହୁତ ଦୁଃଖୀ କରିଥିଲା।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ଏଇ ସମୟରେ ରାବଣକୁ ତାକୁ ମହାରାଣୀ ମନ୍ଦୋଦରୀ ବୁଝାଇବାକୁ ଚେଷ୍ଟା କରିଥିଲେ ଓ ସୀତାଙ୍କୁ ରାମଙ୍କ ପାଖରେ ସମର୍ପି ଦେବାକୁ ବିନତି କରିଥିଲେ। ସେଇ ସମୟରେ ରାବଣ ମନ୍ଦୋଦରୀଙ୍କୁ ତାଙ୍କ ପୂର୍ବଜନ୍ମ ବିବରଣୀ ଶୁଣାଇଥିଲେ। ବୈକୁଣ୍ଠପୁରରେ ଶ୍ରୀ ବିଷ୍ଣୁଙ୍କ ଦ୍ୱାରପାଳ ଥିବା ଜୟ ବିଜୟ ମା ଲକ୍ଷ୍ମୀ ଓ ଋଷି ଦୁର୍ବାଶାଙ୍କ ଶାପଗ୍ରସ୍ତ ହୋଇ ତିନୋଟି ଜନ୍ମରେ ରାକ୍ଷସ ଜନ୍ମ ହେବା କଥା ମନ୍ଦୋଦରୀଙ୍କୁ ଶୁଣାଇଥିଲା ରାବଣ । ଏ ଜନ୍ମରେ ସେ ଓ ତା ଭାଇ କୁମ୍ଭକର୍ଣ୍ଣ ଜୟ ବିଜୟ ହିଁ ଅଟନ୍ତି। ଦ୍ୱିତୀୟ କଥା ରାବଣ ଏ କଥା ଜାଣିଥିଲା ସୀତାଙ୍କୁ ହରଣ କଲେ ହିଁ ସେ ରାମଙ୍କ ଦ୍ୱାରା ହତ ହେବ ଓ ଶାପମୁକ୍ତ ହେବ। ତେଣୁ ସୀତାଙ୍କୁ ଫେରାଇବାର ପ୍ରଶ୍ନ ନଥିଲା।

ଦାର୍ଶନିକ ରାବଣ ମନ୍ଦୋଦରୀଙ୍କୁ ବୁଝେଇ ଦେଇଥିଲା- ସମସ୍ତେ ନିଜ ନିଜ ଭାଗ୍ୟ ଅନୁସାରେ ବଂଚି ମୃତ୍ୟୁବରଣ କରିଛନ୍ତି। ତେଣୁ କାହାର ମୃତ୍ୟୁରେ ଦୁଃଖୀ ହେବା ଅନୁଚିତ୍।

ଡର ରାବଣକୁ ମାଡ଼ି ବସିଥିଲା। ତା ଦର୍ଶନ ତା ଡର ଆଗରେ ଫିକା ପଡ଼ିଯାଇଥିଲା। ମହୀରାବଣର ମୃତ୍ୟୁ ତାକୁ ନିଶ୍ଚିତ ଭାବରେ ଡରେଇ ଦେଇ ଥିଲା ଓ ସେ ଜାଣି ଯାଇଥିଲା- ତାର ମୃତ୍ୟୁ ଅତି ନିକଟତର।

ସେଇ ସମୟରେ ସେ ଅସୁରଙ୍କ ଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ ସ୍ମରଣ କରିଥିଲା ଓ ତାଙ୍କୁ ଦେଖା କରିଥିଲା। "ବର୍ତ୍ତମାନ ଯୁଦ୍ଧରୁ ପଛଘୁଂଚା ଦେବାର ପ୍ରଶ୍ନ ଉଠୁନି। ମୋତେ ବିଜୟୀ ହେବାକୁ କିଛି ବାଟ ବତାନ୍ତୁ।" ଶୁକ୍ରାଚାର୍ଯ୍ୟଙ୍କ ପାଖରେ ରାବଣ ପ୍ରାର୍ଥନା କରିଥିଲା।

ରାକ୍ଷସଙ୍କ କୁଳଗୁରୁ ଶୁକ୍ରାଚାର୍ଯ୍ୟ ରାବଣର ଦୁର୍ଦ୍ଦଶା ଦେଖି ଦୟା କରିଥିଲେ ଓ ତାକୁ 'ସର୍ବଜୟ ମନ୍ତ୍ର' ପ୍ରଦାନ କରିଥିଲେ। ଏହି ମନ୍ତ୍ର ପଢ଼ି ଲକ୍ଷେ ଆହୂତି ଦେଲେ ଅଗ୍ନିରୁ ଏକ ରଥ ବାହାରିବ। ସେହି ରଥରେ ବସି ଯୁଦ୍ଧ କଲେ ତୁମକୁ କେହି ହରାଇ ପାରିବେନି। ମାତ୍ର ଯଜ୍ଞ କାଳରେ କିଛି ବିଘ୍ନ ସୃଷ୍ଟି ହେଲେ ସବୁ ପ୍ରଚେଷ୍ଟା ବୃଥା ହେବ। ଏହା କହି ଶୁକ୍ରାଚାର୍ଯ୍ୟ ବିଦାୟ ନେଲେ।

ରାବଣ ଶୁକ୍ରାଚାର୍ଯ୍ୟଙ୍କଠାରୁ 'ସର୍ବଜୟ ମନ୍ତ୍ରୀ' ପାଇ ସଂଗେ ସଂଗେ ଯଜ୍ଞର ଆୟୋଜନ କଲା। ନିଜର ସେନାବାହିନୀଙ୍କୁ ନେଇ ସେ ଗୋଟେ ପ୍ରକାର ବ୍ୟୁହ ସୃଷ୍ଟି କଲା ଓ ତା ମଧ୍ୟରେ ବସି ଯଜ୍ଞ ଆରମ୍ଭ କଲା।

ରାବଣର ସବୁ ଛିଦ୍ର ବିଭୀଷଣଙ୍କୁ ଜଣାଥିଲା। ଏ ଖବର ସେ ପାଇଗଲେ। ସେ ଜାଣିଥିଲେ- ରାବଣ ଲକ୍ଷେ ଆହୂତି ସଫଳତା ସହିତ ଦେଇ ସାରିଲେ ତାକୁ ମାରିବା ଅସମ୍ଭବ ହୋଇ ପଡ଼ିବ। ସେ ଏକଥା ଶ୍ରୀରାମଙ୍କୁ ଜଣାଇଲେ ଓ ବାନର ସେନାକୁ ପଠାଇ ରାବଣର ଯଜ୍ଞ ନଷ୍ଟ କରିବାକୁ ପ୍ରାର୍ଥନା କଲେ।

ଶ୍ରୀରାମ ତୁରନ୍ତ ବାନର ସେନାକୁ ରାବଣର ଯଜ୍ଞ ନଷ୍ଟ କରିବାକୁ ଆଦେଶ ଦେଲେ। ରାବଣ ସବୁ ପ୍ରକାର ଅନ୍ୟାୟ ଓ ଅଧର୍ମ କାମ କରିଥିଲା। ତେଣୁ ତାକୁ ଦଣ୍ଡ ମିଳିବା ଆବଶ୍ୟକ। ଏ କଥା ଚିନ୍ତା କଲେ ଶ୍ରୀରାମ।

ହନୁମାନ, ଅଙ୍ଗଦ ଓ ଅନ୍ୟମାନେ ରାବଣ କରୁଥିବା ଯଜ୍ଞସ୍ଥଳୀରେ ପହଂଚିଲେ। ସେମାନେ ଅସୁରସେନାକୁ ଯୁଦ୍ଧରେ ପରାସ୍ତ କରି ରାବଣ ଯଜ୍ଞ କରୁଥିବା ଯାଗାରେ ପହଂଚିଲେ। ରାବଣର ଧ୍ୟାନଥିଲା ବହୁତ ଦୃଢ଼। ସେ ଜାଣିଥିଲା, ତାର ଲକ୍ଷେ ହୋମ ଆହୂତି ସରିଗଲେ ତାକୁ କେହି ପରାସ୍ତ କରିପାରିବେନି। ତେଣୁ ବେଶ ଦୃଢ଼ ହୋଇ ଆହୂତି ପରେ ଆହୂତି ଦେଇ ଚାଲିଥିଲା।



ତେବେ ଯାହାହେଉ ରାବଣର ଯୁଦ୍ଧ ନଷ୍ଟ ହେବାର ଥିଲା। ହନୁମାନ ବୁଦ୍ଧି ପ୍ରୟୋଗ କରି ମନ୍ଦୋଦରୀଙ୍କୁ ଯଜ୍ଞସ୍ଥଳୀକୁ ଟାଣି ଆଣିଲେ। ମନ୍ଦୋଦରୀଙ୍କୁ ଅସମ୍ମାନ ରାବଣ ସହିପାରିଲାନି। ସେ ଯଜ୍ଞ କାମ ବନ୍ଦ କରି ମନ୍ଦୋଦରୀଙ୍କୁ ସୁରକ୍ଷା ଲାଗି ଧାଇଁ ଆସିଲେ। ମନ୍ଦୋଦରୀଙ୍କୁ ସେ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ।

ରାବଣର ଯଜ୍ଞ ଭ୍ରଷ୍ଟ ହେଲା ପରେ ହନୁମାନ ଓ ଅନ୍ୟମାନେ ରାମଙ୍କ ପାଖକୁ ଚାଲି ଆସିଲେ ଓ ତାଙ୍କୁ ଏ ଖବର ଦେଲେ।

ଲଙ୍କାପତି ରାବଣ ଜାଣିଗଲା ମୃତ୍ୟୁ ତାର ଅତି ନିକଟତର। ଅହଂକାରୀ ଲଙ୍କାପତି ନିଜକୁ ପ୍ରସ୍ତୁତ କଲା ଯୁଦ୍ଧ ଲାଗି। ତା ପାଖରେ ଆଉ କିଛି ବାଟନଥିଲା। ସୀତାଙ୍କୁ ଫେରାଇ ଦେବା କଥା ତା ମନକୁ କେବେ ବି ଆସୁନଥିଲା।

ରାବଣ ଭଲ ଓ ମନ୍ଦଗୁଣର ଏକ ଚରମ ଉଦାହରଣ ଥିଲା।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## ଚିଲକ ମାଉସୀ ଓ କାଳିଆ କାଉ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଥିଲା ଏକ ବିଶାଳକାୟ ଝଙ୍କାଳିଆ ବରଗଛ । ଚିଲଟିଏ ସେ ବରଗଛରେ ବସା ବନେଇ ରହୁଥିଲା। ସ୍ନେହ ଆଦରରେ ସମସ୍ତେ ତାକୁ ଚିଲକ ମାଉସୀ ବୋଲି ଡାକନ୍ତି । ଚିଲ ମାଉସୀର ଦୁଇଟି ଛୁଆ-ମୁନମୁନ ଓ ଝୁନଝୁନ୍ । ଦୁହେଁଯାକ ଭାରି ଦୁଷ୍ଟ । ଏକଦା ଚିଲକ ମାଉସୀ ସଙ୍ଗାତୁଣୀର ବାହାଘର ହେବାର ଥାଏ । ସେ ବାହାଘରକୁ ଚିଲକ ମାଉସୀର ବି ଯିବାର କଥା । ତେଣୁ ସେ ଛୁଆଯୋଡିଙ୍କୁ କହିଲା - ଦେଖ, ମୁଁ ତୁମ ମାଉସୀ ବାହାଘରକୁ ଯାଉଛି । ରାତିରେ ବସାକୁ ଫେରୁ ଫେରୁ ଡେରି ହୋଇପାରେ । ତୁମେ ଦୁହେଁଯାକ ବସାରେ ରହିଥିବ, କୁଆଡେ ବାହାରକୁ ଯିବ ନାଇଁ । ମୁଁ ତୁମପାଇଁ ପୁରି , କଚୋଡି ଓ ସୁଆଦିଆ ମିଠେଇ ନେଇ ଆସିବି . . . . ।

ସେଦିନ ସଙ୍ଗାତୁଣୀ ବିବାହରେ ଯୋଗ ଦେବା ଲାଗି ଚିଲକ ମାଉସୀ ବେଶଭୂଷା ହୋଇ ପୂରା ତୟାର । ଦିହରେ ଘାଘରା, ମୁଣ୍ଡରେ ଓଢଣି, ନାକରେ ନୋଥ, ହାତରେ ଚୁଡି ଓ ପାଦରେ ଘୁଙ୍ଗୁରଲଗା ପାଉଁଜି ନାଇଥିଲା । ତାଛଡା, ଆଖିରେ ତାର କଜଳ, ମଥାରେ ସିନ୍ଦୂର ଆଉ ଓଠରେ ଲିପ୍‌ଷ୍ଟିକ ଲଗେଇ ଥିଲା । ବଡ ସୌଖୀନ ଭାନିଟି ବ୍ୟାଗ୍‌ଟେ ବେକରେ ଝୁଲାଇ ବସାରୁ ଗୋଡ କାଢିଲା ଚିଲକ ମାଉସୀ । ତା ପାଉଁଜିର ରୁଣୁଝୁଣ ଶବ୍ଦ ଶୁଣି ଶୁଆ, ଗଧିଆ, ବାଇ ଚଢେଇ ରଙ୍ଗ ବେରଙ୍ଗର ଅନ୍ୟ ଚଢେଇ ଓ କାଉ ଯେଝା ଯେଝା ବସାରୁ ବାହାରି ଆସି ପଚାରିଲେ -ଆଲୋ ଚିଲକ ମାଉସୀ, ଆଜି ଏମିତି ବେଶଭୂଷା ହୋଇ କୁଆଡେ ଯାଉଛ । ଆରେ ମୁଁ ପରା ଯାଉଛି ମୋ ସଙ୍ଗାତୁଣୀ ଚମ୍ପାର ବିବାହରେ ଯୋଗ ଦେବାପାଇଁ । ତୁମେମାନେ ସବୁ ମୋ ଚୁନୁ ଆଉ ଝୁନୁ ଆଡେ ନଜର ରଖିଥିବ ।

ବିରାଟ ବରଗଛ ସାମନା ନିମ୍ବଗଛରେ ବସିଥିବା କଳା ମଚ୍‌ମଚ୍ କାଉଟି ଏ ଦୃଶ୍ୟ ଦେଖି ମୁରୁକି ମୁରୁକି ହସୁବାକୁ ଲାଗିଲା । ଯାହାହେଉ, ଆଜି ମୋ ଭାଗ୍ୟକୁ ସୁବର୍ଣ୍ଣ ସୁଯୋଗ ଜୁଟିଛି । ଏ ମଉକାକୁ କିଏ ଛାଡେ । ଚିଲକ ମାଉସୀ ତା ସଙ୍ଗାତୁଣୀ ବାହାଘର ଭୋଜିରେ ମଉଜ କରିବ, ଏଣେ ମୁଁ ତା ଛୁଆ ଯୋଡିକୁ ଜଳଖିଆ କରିଦେବି ।

ସାରା ଦିନ ମୁନ୍‌ମୁନ୍ ଓ ଚୁନ୍‌ମୁନ୍ ଦୁହେଁ ମଜାମସ୍ତିରେ ଡିଆଁଡେଇଁ କରୁଥିଲେ, ହେଲେ କିଟିକିଟି ଅନ୍ଧାର ମାଡିଆସିଲାରୁ ଦୁହେଁ ଚୁପ୍‌ଚାପ ବସା ଭିତରେ ପଶି ଶୋଇପଡିଲେ । କିଛି ସମୟ ପରେ କାଳିଆ କାଉ ଚିଲକ ମାଉସୀ ବସାରେ ଧସେଇ ପଶିଲା । ଆଖି ପିଛୁଡାକେ ସେମାନଙ୍କ ଉପରକୁ ଝାମ୍ପମାରି ଦୁହିଁଙ୍କୁ ପଂଝାରେ ଚାପି ଧରିଲା । ଫୁରକିନା ଉଡିଯାଇ ସାମନା ନିମ୍ବଗଛ ଥିବା ତା ବସାକୁ ନେଇଗଲା । ଗେରସ୍ତ କାଉ ତା ଭାରିଜାକୁ କହିଲା -ଆଲୋ ଗୁଲୁମା ଦେଖ, ଆଜି ଆମର ଭୋଜିଭାତର ଯୋଗାଡ ହୋଇଯାଇଛି । ମୁନମୁନ୍ ଓ ଚୁନ୍‌ମୁନରେ ବିକଳ କାନ୍ଦଣା କାନେଇ ଗୁଲୁ ପଦାକୁ ଆସିଲେ । ଚିଲ ମାଉସୀର ଦୁଇଟିଯାକ ଛୁଆକୁ ଦେଖିବା ମାତ୍ରେ ସେ କହିଲା - ନାଇଁ ବାପା । ଏମିତି କଅଁଳ ଡଉଲଡାଉଲ ଛୁଆ ଯୋଡିକୁ ତମକୁ ଖାଇବା ପାଇଁ ଛାଡିବି ନାଇଁ । ମୋର ତ କେହି ଭାଇ ଭଉଣୀ ନାହନ୍ତି, ମୁଁ ପରା ଏମାନଙ୍କ ସହିତ ସାଙ୍ଗ ହୋଇ ଖେଳିବି । ଗେଲବସରର ଛୁଆ ଗୁଲୁ କଥା ବାପା କାଉ କେମିତି ବା ଏଡାଇ ଦିଅନ୍ତେ । ମା କାଉ ଥଂଟରେ ସେ ଦୁହିଁଙ୍କୁ ପାଣି ପିଆଇଲା, ରୋଟି ବି ଖୋଇଲା । ଫେର ଗାଲକୁ ଆଉଁଶି କହିଲା -ଛୁଆମାନେ, କାନ୍ଦ ବନ୍ଦକର, ତୁମ ମାଆ ଟିକିଏ ପରେ ବସାକୁ ଫେରି ଆସିବ । ସେପର୍ଯ୍ୟନ୍ତ ତୁମେ ଦୁହେଁ ଗୁଲୁ ସହିତ ଖେଳୁଥାଅ ।

ରାତିରେ ସଙ୍ଗାତୁଣୀର ବାହାଘର ଭୋଜିଖାଇ ଚିଲକ ମାଉସୀ ବସାକୁ ଫେରିଲା । ବସା ଭିତରେ ପାଦ ଥାପୁ ଥାପୁ ବଡପାଟିରେ ଡାକ ଛାଡିଲା -ଆରେ ଛୁଆ ମୁନ୍‌ମୁନ୍ ଓ ଝୁନ୍‌ଝୁନ୍, ଦେଖିଲେ ମୁଁ ତମପାଇଁ କଣ ନେଇକି ଆସିଛି । ବସା ଭିତରୁ ସୋରଶବ୍ଦ ନ ଆସିଲାରୁ ଚିଲକ ମାଉସୀ ଚିନ୍ତାରେ ଘାରି ହେଲା । ପୁରି , କଚୋଡି ଆଉ ମିଠେଇ ସେଇଠି ଛାଡିଦେଇ ଚିଲକ ମାଉସୀ କୁକୁ କୁକୁଡା ପାଖକୁ ଝପଟିଗଲା । ଦୁମ୍ ଦୁମ୍ ଗୋଡ ବାଡେଇ କହିଲା -କୁକୁ କୁକୁଡା, ତୁମେ ମୋ ଛୁଆ ଯୋଡିକୁ ଦେଖିଚ । ନାଇଁ ମାଉସୀ, ମୁଁ ଦେଖିନି ... ତୁମେ ଯାଇ ସେ କଥା ଗଧିଆକୁ ପଚାର .....। ପାଦ ପାଉଁଜିର ରୁଣୁଝୁଣୁ ଶବ୍ଦରେ ଚିଲ ମାଉସୀ ଯାଇ ଗଧିଆ ପାଖରେ ହାଜର । ମୁହଁ ଶୁଖେଇ ପଚାରିଲା -ଗଧିଆ ଭାଇ, ତୁମେ ମୋ ପିଲା ଦୁହିଁଙ୍କୁ ଦେଖିଛ । ନାଇଁ ମାଉସୀ, ମୁଁ ତ ଦେଖିନି, ତୁମେ ହିରାମନ ଶୁଆକୁ ପଚାର । ଚିଲକ ମାଉସୀ ଶୁଆ ପାଖକୁ ଛୁଟିଯାଇ ପଚାରିଲା - ହିରାମନ, ତମେ ମୋ ଛୁଆ ଯୋଡିକୁ ଦେଖିଚ । ନାଇଁ ମାଉସୀ, ମୋ ଆଖିରେ ତ ପଡିନି, ତୁମେ ଯାଇ ମୟୂରକୁ ପଚାର ....। ମୟୂରକୁ ପଚାରିଲାରୁ ସେ କହିଲା -ମାଉସୀ, ଆଜି ତ ମୁଁ ମଝି ଜଙ୍ଗଲରେ ନାଚ ଅଭ୍ୟାସ କରୁଥିଲି । ଠିକ୍ ସେତିକିବେଳେ ବରଗଛରେ ବସିଥିବା ପେଚା କହିଲା -ମାଉସୀ, ଆଜି ଅନ୍ଧାର ରାତିରେ କାଳିଆ କାଉକୁ ତୁମ ବସାରେ ଢୁକୁଥିବାର ଦେଖିଥିଲି, ସେ ବୋଧେ ଛୁଆ ଯୋଡିକ ସାଙ୍ଗରେ ନେଇ ଯାଇଥିବ . . .। ଏହା ଶୁଣିବା ମାତ୍ରେ ଚିଲକ ମାଉସୀ ସହିତ ସବୁ ଚଢେଇ ଦଳ ସାମନା ନିମ୍ବଗଛ ଉପରେ ପହଁଚିଗଲେ । ଚିଲକ ମାଉସୀ ବଡ ପାଟିରେ ଚିଲେଇ କହିଲା -ଆରେ କାଳିଆ କାଉ , ବାହାରକୁ ବାହାରି ଆ . . . . । ତୁ ମୋର ଦି ଛୁଆଙ୍କୁ କୋଉଠି ଲୁଚେଇ ରଖିଛୁ । ଚିଲର ବଡପାଟି ଶୁଣି ବସା ଦରଜାକୁ ଟିକେ ଖୋଲା ରଖି କାଳିଆ କାଉ ଡରିମରି ଛାନିଆରେ କହିଲା -ନାଇଁ ମାଉସୀ, ମୁଁ ଏଯାଏ ବସା ଭିତରୁ ବାହାରି ନାଇଁ, ମୁଁ ପେଟ ଯନ୍ତ୍ରଣାରେ ଛଟପଟ ହେଉଛି । ସେତିକିବେଳେ ମୁନ୍‌ମୁନ୍ ତା ମାଆର ପାଟିଶବ୍ଦ ଜାଣି ପକାଇଲା । ସେ ଡେଇଁ ଡେଇଁକା ବାହାରୁ ବାହାରି ଆସି କହିଲା - ମାଆ, ମୁଁ ଏଠି ଗୁଲୁ ସାଙ୍ଗ ପାଶେ ରହିଛି । କାଳିଆ ମାମୁ ଆମକୁ ଏଠିକି ନେଇ ଆସିଥିଲେ .....। ଝପଟି ଆସି ଚିଲ ମାଉସୀ କହିଲା - କାଳିଆ, ଆଜି ମୁଁ ତତେ ଜୀବନରେ ସୁଦ୍ଧା ଛାଡିବି ନାଇଁ। ଏ ଭିତରେ ଛୁଆ ଚୁନମୁନ୍ ଚିଲେଇଲା -ନାଇଁ ମାଆ, କାଳିଆ ମାମୁ ବହୁତ ଭଲ , ୟାକୁ ଜମା ମାରନି। ଆମେ ଗୁଲୁ ସଙ୍ଗାତକୁ ବି ସାଥିରେ ନେଇଯିବା , ଆମ ଘରେ ତାକୁ ମିଠେଇ ଖୁଆଇବା .... ମୁନମୁନ, ଝୁନ୍‌ଝୁନ୍ ଓ ଗୁଲୁକୁ ସାଥିରେ ଧରି ଚିଲକ ମାଉସୀ ବସାରେ ପହଁଚିଲେ। ରାତିରେ ସେମାନଙ୍କୁ ମିଠେଇ, ପୁରି ଓ କଚୋଡି ଭୋଜି ଖୁଆଇଲେ। କାଳିଆ କାଉ ସହିତ ଜଙ୍ଗଲରେ ଅନ୍ୟ ପକ୍ଷୀମାନେ ବି ସାମିଲ ହେଲେ। ସବୁ ପକ୍ଷୀଙ୍କ ଉପସ୍ଥିତିରେ କାଳିଆ କାଉ ଚିଲକ ମାଉସୀଙ୍କୁ ମାଫି ମାଗିଲା । ଚିଲକ ମାଉସୀ ବି ତାକୁ ମାଫ୍ କରିଦେଲେ । ଭୋଜିଭାତ ପରେ ସମସ୍ତେ ମନ ଖୁସିରେ ନିଜ ନିଜର ବସାକୁ ବାହୁଡି ଆସିଲେ ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## କବିତା

ତୁମ ପାଇଁ

### ଥିଲେ ମୋର ଜଣେ ଆଈ

ନୀଳମଣି ଚାନ୍ଦ

ଥିଲେ ମୋର ଜଣେ ଆଈ
କହୁଥିଲେ ଢଗ- ଯୁଝିବ ଯଦିରେ
ସାଙ୍ଗରେ ତ ଥାଉ ଭାଇ
ମନବୋଧ କରି କ୍ଷୀର ପିଇବରେ
ଥିଲେ ଦୁହାଁଳିଆ ଗାଈ।
ଯେବେ ଯାଏ ରାତି ପାହି
ରାମ ରାମ ରାମ କୃଷ୍ଣ ହରିନାମ
ଦେଉଥିଲେ ସିଏ ଗାଇ
ପୂଜାପୂଜି ସାରି ଦିଅନ୍ତି ମୁଣ୍ଡରେ
ସିଏରେ ତିଳକ ନାଇ।
ପାନ ଖିଲଟିଏ ଖାଇ
ଅଶୀ ବୟସରେ ବାଡ଼ି ନ ଧରିକି
ବୁଲୁଥିଲେ ଯାଇ ସାଇ
କହୁଥିଲେ ଧନ ହେଉଛି ମୋ ମନ
ଯିବାକୁରେ କାଳିଜାଇ।
ବସି ମାରୁଥିଲେ ହାଇ
ଆମ ପଢାବେଳେ ଦୃଷ୍ଟି ରଖୁଥିଲେ
ଦାଣ୍ଡ ଘରେ ସିଏ ଥାଇ
ଆଉ କହୁଥିଲେ ମୋ ଦେଶ ଭାରତ
ସଭିଏଁ ଭଉଣୀ ଭାଇ।

+ ୨୭,ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭

### ତୁମେ ବି ଉଡ଼ିବ ବଳେ

ରଘୁନାଥ ତ୍ରିପାଠୀ

ହରିଣୀ ଟିଏ ମୁଁ ହରିଣୀଟିଏ
ବଣ ରାଇଜ ମୋ ଘର
ନିତି ଦେଖୁଥାଏ ବଣ ରାଇଜ ମୁଁ
ଦେଖେ ବି ପାହାଡି ଝର ।

ପାହାଡି ଝର ମୁଁ ପାହାଡି ଝର
ପଡିଉଠି ଯାଏ ବହି
ମୋ ଜୀବନ ମୋର କଷଣ ଯେତିକି
ଦେଉଥାଏ ନିତି କହି ।

କୋଇଲିଟିଏ ମୁଁ କୋଇଲିଟିଏ
ଗାଏ କୁହୁକୁହୁ ଗୀତ
ଭଲ ଲାଗେ ମୋତେ ବଉଳର ବାସ
ବସନ୍ତ ମୋହର ମିତ ।

ଭସା ବାଦଲ ମୁଁ ଭସା ବାଦଲ
ଆକାଶରେ ଯାଏ ଭାସି
ବାଟେ ଯାଉଯାଉ ମୋର ସାଥୀ କେତେ
ମୋ ସାଥେ ମିଶନ୍ତି ଆସି ।

ଗଛ ଗୋଟିଏ ମୁଁ ଗଛ ଗୋଟିଏ
ଠିଆ ମୁଁ ସଡ଼କ ଧାରେ
ବାଟୋଇ ପାଇଁକି ଦେଉଥାଏ ନିତି
ଯାହା ଯେତେ ଦେଇପାରେ ।

ଚଢେଇଟିଏ ମୁଁ ଚଢେଇଟିଏ
ଉଡେ ମୁଁ ଆକାଶ ତଳେ
ବଡ଼ ହୋଇ ପିଲେ ହେଲେ ମୋ ପରିକା
ତୁମେ ବି ଉଡ଼ିବ ବଳେ ।

+ ବାଲିସାହି, ମଧୁପାଟଣା
କଟକ (ମୋ) ୮୭୬୩୩୪୩୨୬୩

### ସୁନା ଝିଅ

କୀର୍ତ୍ତନ ସାହୁ

ଟିକି ଟିକି ଟିକେଇ
ନିଅ ତାକୁ କାଖେଇ ।

ଟିକି ସୁନା ଝିଅଟି
ମିଠା କଥା କହେଟି ।

ଥିରି ଥିରି ଚାଲଇ
ମହୁ ଅବା ଝରଇ ।

ସିଏ ଦେଲେ ହସିଟି
ଚାନ୍ଦ ପଡେ ଖସିଟି ।

ଚାହାଣୀ ତା ଅମୂଲ
କିଏ ଅବା ତା ତୁଲ ।

ଖେଳୁଥାଏ ଖେଳଣା
ନ ଥାଏ ତା ଛଳନା ।

ନାହିଁ ପର ନିଜର
ହସେ ପାଇ ଆଦର ।

ଟିକି ଥିଲେ ଘରେଟି
ମନ ଆମ ପୂରେଟି ।

ତା ପରି କେ ହେବରେ
ସ୍ୱର୍ଗ ସୁଖ ଦେବରେ ।

ଆମ ସୁନା ଝିଅଟି
କୋଟିକରେ ଏକଟି ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ତୁମ ତୁଳୀରୁ...






ଶ୍ରୀଜିତା ପ୍ରମାଣିକ,
ମାର୍ଫତ୍- ପୂର୍ଣ୍ଣେନ୍ଦୁ ପ୍ରମାଣିକ
ଷ୍ଟାଣ୍ଡାର୍ଡ - VII , ସିଦ୍ଧି ବିନାୟକ ସ୍କୁଲ, ବାଲେଶ୍ୱର

# ପନିକିରେ ବୃଦ୍ଧାଙ୍କୁ ଆକ୍ରମଣ କରି ଟଙ୍କା ଲୁଟିଥିବା ଯୁବକକୁ ପୋଲିସ ଗିରଫ କଲା : ଟଙ୍କା ଉଦ୍ଧାର, ଅସ୍ତ୍ର ଜବତ

ବଲାଙ୍ଗିର,୭/୦୪ (ନି.ପ୍ର): ଗତକାଲି ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରି ତାଙ୍କର ସୁଟକେଶରୁ ୪୪,୭୦୦ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ। ସୁଟକେଶ ସହ ଲୁଟ ଟଙ୍କାକୁ ଉଦ୍ଧାର କରିଛି ଲାଠୋର ପୋଲିସ। ବୃଦ୍ଧାଙ୍କୁ ବେକକୁ ଯେଉଁ ପନିକିରେ ଦୁର୍ବୃତମାନେ ଆକ୍ରମଣ କରିଥିଲେ ତାକୁ ମଧ୍ୟ ପୋଲିସ ଜବତ କରିଛି। ଘଟଣାରେ ଅଭିଯୁକ୍ତ ଯୁଗଳ ଗାଲ (୨୮)କୁ ଭାରତୀୟ ଦଣ୍ଡ ବିଧି ଆଇନର ୪୫୨/ ୩୯୪ ଓ ୩୦୭ ଦଫାରେ ଗିରଫ କରି କେସ ନମ୍ବର ୮/୨୩ ରୁଜୁ କରାଯାଇ ଆଜି ତାକୁ କୋର୍ଟରେ ହାଜର କରାଯିବ ବୋଲି ଲାଠୋର ଆଇଆଇସି ଝାସକେତନ ଭୋଇ ପ୍ରକାଶ କରିଛନ୍ତି।

ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଂଚାୟତ ଅନ୍ତର୍ଗତ ବର୍ଡିଆ ଗ୍ରାମରେ ଗତକାଲି ଜଣେ ୫୫ ବର୍ଷିଆ ବୃଦ୍ଧାଙ୍କୁ ପନିକିରେ ଆକ୍ରମଣ କରି ଜଣେ ଯୁବକ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଆକ୍ରମଣକାରୀ ବୃଦ୍ଧାଙ୍କ ଠାରୁ ଟଙ୍କା ଏବଂ ସୁନା ଗହଣା ଲୁଟ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳାଇ ଦେଇଛି।

ଖବରରୁ ଜଣାପଡିଛି ଯେ, ବର୍ଡିଆ ଗ୍ରାମର କର୍ଣ୍ଣ ନାଗଙ୍କ ପତ୍ନୀ ରୁକ୍ମିଣୀ ନାଗ ବୁଧବାର ଘରେ ଥିବା ସମୟରେ ଗ୍ରାମର ଯୁଗଳ ଗାଲ ଘରକୁ ଆସି ରୁକ୍ମିଣୀଙ୍କୁ ୫ ହଜାର ଟଙ୍କା ଉଧାର ମାଗିଥିଲେ। ରୁକ୍ମିଣୀଙ୍କ ସହିତ ଯୁଗଳଙ୍କର ସୁସମ୍ପର୍କ ରହିଥିବାରୁ ରୁକ୍ମିଣୀ ତାଙ୍କୁ ସାଙ୍ଗେ ସାଙ୍ଗେ ୫ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ତାଙ୍କ ପାଖରେ ବହୁତ ଟଙ୍କା ଅଛି ବୋଲି ଯୁଗଳ ଜାଣିଥିଲା। କାରଣ ଯୁଗଳସେ ଗ୍ରାମରେ ଗ୍ରୁପ ଋଣ ଟଙ୍କା ସଂଗ୍ରହ ଦାୟିତ୍ୱରେ ଥିବାରୁ ସେ ଲୋଭରେ ପଡି ରୁକ୍ମଣୀ ଘରେ ପନିକିରେ ପରିବା କାଟୁଥିବା ବେଳେ ସେ ତାଙ୍କୁ ଆକ୍ରମଣ କରିବା ସହ ଟଙ୍କା ଲୁଟ କରି ସେ ସ୍ଥାନ ଛାଡି ପଳାଇ ଯାଇଥିଲେ। ଯୁଗଳ ହଠାତ୍ ରୁକ୍ମିଣୀଙ୍କ ଘରକୁ ଆସି ରୁକ୍ମଣୀଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଯୁଗଳ ରୁକ୍ମଣୀଙ୍କ ବେକକୁ ଅସ୍ତ୍ରରେ ଭୁଷି ଦେଇଥିବା ବେଳେ ରୁକ୍ମଣୀ ବଡ ପାଟିରେ ଚିତ୍କାର କରିଥିଲେ। ଏହି ସମୟରେ ଆକ୍ରମଣକାରୀ ଟଙ୍କା ଏବଂ ସୁନା ଗହଣା ରୁକ୍ମଣୀଙ୍କ ଠାରୁ ନେଇ ପଳାଇ ଯାଇଥିଲେ। ପରେ ଗ୍ରାମବାସୀ ଯୁବକଙ୍କୁ ଧରି ଲାଠୋର ପୋଲିସକୁ ଖବର ଦେଇଥିଲେ। ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ ବର୍ଡିଆ ଗ୍ରାମରେ ପହଂଚି ଆକ୍ରମଣକାରୀ ଯୁଗଳକୁ ଧରି ଥାନାକୁ ନେଇଥିଲେ। ଅନ୍ୟପକ୍ଷରେ ଆହତ ରୁକ୍ମିଣୀଙ୍କୁ ଗ୍ରାମବାସୀ ପାଟଣାଗଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ।

ସୂଚନାଯୋଗ୍ୟ ଯେ, ରୁକ୍ମଣୀଙ୍କ ପୁଅ ଓ ବୋହୂ ଦାଦନ ଖଟିବାକୁ ଯାଇଥିବା ବେଳେ ସେମାନେ ପାଇଥିବା ଅଗ୍ରୀମ ଟଙ୍କା ସବୁ ରୁକ୍ମଣୀଙ୍କୁ ଦେଇ ଯାଇଛନ୍ତି। ରୁକ୍ମଣୀ ଏବଂ ତାଙ୍କ ସ୍ୱାମୀ କର୍ଣ୍ଣ ଘରେ ଏକୁଟିଆ ରହନ୍ତି। ରୁକ୍ମଣୀ ବାହାରକୁ ଗଲେ ଟଙ୍କା ଏବଂ ସୁନା ଗହଣା ଯୁଗଳ ପାଖରେ ରଖିଯାଆନ୍ତି ବୋଲି ମଧ୍ୟ ଖବର ମିଳିଛି। ଟଙ୍କା ଏବଂ ସୁନା ଗହଣା ପ୍ରତି ଯୁଗଳଙ୍କର ହଠାତ୍ ଲୋଭ ହେବାରୁ ସେ ରୁକ୍ମଣୀଙ୍କୁ ହତ୍ୟା କରିବା ସହିତ ଏହି ଟଙ୍କା ଏବଂ ସୁନା ଅଳଙ୍କାର ଲୁଟି ନେବା ପାଇଁ ଯୋଜନା କରିଥିଲା ବୋଲି ଚର୍ଚ୍ଚା ହେଉଛି। ଲାଠୋର ପୋଲିସ ଗ୍ରାମରେ ପହଂଚି ଆହତ ରୁକ୍ମିଣୀଙ୍କଠାରୁ ବୟାନ ରେକର୍ଡ କରିଛି। ଯୁଗଳ ତାଙ୍କଠାରୁ ନଗଦ ୪୨ ହଜାର ଟଙ୍କା ସହିତ ସୁନା ଗହଣା ଲୁଟ୍ କରି ନେଇଯାଇଥିବା ରୁକ୍ମଣୀ ପୋଲିସ ଆଗରେ ଅଭିଯୋଗ କରିଛନ୍ତି। ଲାଠୋର ପୋଲିସ ଯୁଗଳକୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହିତ ଏହି ଘଟଣାର ଅଧିକ ତଦନ୍ତ ପରେ ଯୁଗଳ ପୋଲିସ ପାଖରେ ସବୁ ସତ ସ୍ୱୀକାର କରିବା ସହିତ ପୋଲିସକୁ ଲୁଚାଇ ରଖିଥିବା ଟଙ୍କା ଓ ଅସ୍ତ୍ର ଦେଖାଇଥିବା ଜଣାପଡିଛି।

# ଭିନ୍ନକ୍ଷମଙ୍କୁ ଋଣ ଦେବାରେ ବ୍ୟାଙ୍କ ମ୍ୟାନେଜରଙ୍କ ଟାଳଟୁଳ ନୀତି ଅଭିଯୋଗ

ଚମ୍ପୁଆ,୭/୦୪ (ନି.ପ୍ର): ଚମ୍ପୁଆରେ ଭିନ୍ନକ୍ଷମଙ୍କୁ ସରକାରୀ ଯୋଜନା ସାତ ସପନ ପାଲଟି ଥିବା ଦେଖିବାକୁ ମିଳୁଛି। ଭିନ୍ନକ୍ଷମମାନଙ୍କୁ ଆତ୍ମନିର୍ଭରଶୀଳ, ରୋଜଗାରକ୍ଷମ କରିବା ଏବଂ ତାଙ୍କ ଆର୍ଥିକ ସ୍ଥିତ ମଜଭୁତ କରିବା ନିମନ୍ତେ ସରକାରଙ୍କ ଡି. ଆର. ଆଇ ଯୋଜନାରେ ଋଣ ଯୋଗାଇ ଦେବାର ବ୍ୟବସ୍ଥା ରହିଥିବା ବେଳେ ଋଣ ଦେବା ନେଇ ବ୍ୟାଙ୍କକୁ ସରକାରୀ ବିଭାଗ ର ଚିଠି ହେଲା ପରେ ମଧ୍ୟ ଚିଠି ର ଗୁରୁତ୍ୱ ବ୍ୟାଙ୍କ ନଦେବା,ଭିନ୍ନକ୍ଷମଙ୍କୁ ବ୍ୟାଙ୍କ ମେନେଜରଙ୍କ ଋଣ ଦେବା ନେଇ ଆଗ୍ରହ ନ ଦେଖାଇବା ସହିତ ଅସହଯୋଗ ମନଭାବ ନେଇ ଗତ ତା ୪/୪/୨୦୨୩ ରେ ଚମ୍ପୁଆ ବ୍ଲକ ବଡ଼ନଇଁ ଗ୍ରାମର ଦିଲ୍ଲୀପ ବଡ଼ପଣ୍ଡା(୪୭) ଭାରତୀୟ ରିଜର୍ଭ ବ୍ୟାଙ୍କ କୁ ମେଲ ଦ୍ୱାରା ଅଭିଯୋଗ କରିଥିବା ଜଣା ପଡିଛି। ସୂଚନା ଅନୁଯାୟୀ, ଗତ ଫେବୃଆରୀ ମାସ ୨୫ ତାରିଖ ଦିନ ଚମ୍ପୁଆ ପଂଚାୟତ ସମିତି କାର୍ଯ୍ୟାଳୟରୁ ଚିଠି ନମ୍ବର ୩୨୯ ଦ୍ୱାରା ଡି. ଆର. ଆଇ ଋଣ ଯୋଜନାରେରେ ସତୁରିଭାଗ ଭିନ୍ନ କ୍ଷମ ଥିବା ବଡ଼ନଇଁ ଗ୍ରାମର ଦିଲ୍ଲୀପ ବଡ଼ପଣ୍ଡାଙ୍କୁ ଗ୍ରୋସରୀ ଦୋକାନ ନିମନ୍ତେ ୧୫୦୦୦ ଟଙ୍କାର ଋଣ ଦେବା ନିମନ୍ତେ ବ୍ୟାଙ୍କ ଅଫ ଇଣ୍ଡିଆ ରିମୁଳି ଶାଖାକୁ ଚିଠି ହୋଇଥିଲା। ଚିଠି ୬/୨/୨୦୨୩ ରେ ବ୍ୟାଙ୍କ ଗ୍ରହଣ କରିବା ପରେ ଦିଲ୍ଲୀପ ରିମୁଳି ବ୍ୟାଙ୍କ ଶାଖାକୁ ଋଣ ବିଷୟ ନେଇ କଥା ହେବାକୁ ଯାଇଥିଲେ। ବ୍ୟାଙ୍କ କାର୍ଯ୍ୟାଳୟ ଉପର ମୋହଲାରେ ଥିବାରୁ ବ୍ୟାଙ୍କ ମେନେଜରଙ୍କ ସହିତ କଥା ହେବା ନିମନ୍ତେ ଦିଲ୍ଲୀପ ମେନେଜରଙ୍କୁ ତଳକୁ ଆସିବାକୁ ଖବର ଦେଇ ଥିଲେ, ହେଲେ ବ୍ୟାଙ୍କ ମେନେଜର ତଳକୁ ଆସିବାକୁ ମନା କରିବାରୁ ଦିଲ୍ଲୀପ ବାଧ ହୋଇ ବିପଦ ପୂର୍ଣ୍ଣ ଅବସ୍ଥାରେ ବସି ଉଠି ସିଡ଼ିରେ ଚଢି ବ୍ୟାଙ୍କ ମେନେଜରଙ୍କୁ ଦେଖା କରିଥିଲେ। ମେନେଜର ଋଣ ଦେବା ସମ୍ପର୍କରେ ଆଗ୍ରହ ନଦେଖାଇବା ସହିତ ଋଣ ଦେବା ନେଇ କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ତାଙ୍କ ସହ ଯୋଗାଯୋଗ ପାଇଁ କୌଣସି ଫୋନ ନମ୍ବର ଦେବାକୁ ସିଧା ମନା କରିଦେଇଥିଲେ। ଦିଲ୍ଲୀପ ତାଙ୍କ ଋଣ ବିଷୟରେ ମେନେଜର ଙ୍କ ଠାରୁ କୌଣସି ତଥ୍ୟ ନ ପାଇବାରୁ ଗତ ଫେବୃଆରୀ ୧୦ ତାରିଖରେ ରିମୁଳି ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ର ମେଲ ଆଇଡି ରେ ଋଣ ଦେବା ବିଷୟରେ ମେନେଜରଙ୍କ ଠାରୁ ଉତର ମାଗିଥିଲେ କିନ୍ତୁ ମେନେଜର କୌଣସି ଉତର ନଦେଇ ଦୁଇ ଦିନ ପରେ ଦିଲ୍ଲୀପ ଙ୍କ ଘରକୁ ଋଣ ଦେବା ନେଇ ତଦନ୍ତ ନିମନ୍ତେ ଆସିବାରୁ ପୁନର୍ବାର ଦିଲ୍ଲୀପ ଋଣ ଦେବାର ନିର୍ଦ୍ଦିଷ୍ଟ ସମୟ ସହିତ ଯୋଗାଯୋଗ କରିବାକୁ କହିବା ପରେ ମଧ୍ୟ ମେନେଜର କିଛି ଉତର ନଦେଇ ଚାଲି ଯାଇଥିଲେ ବୋଲି ଦିଲୀପ ଅଭିଯୋଗ କରିଛନ୍ତି କ୍ଷ ଏ ସମ୍ପର୍କରେ ରିମୁଳି ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ପ୍ରକାଶ ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ଦିଲୀପଙ୍କ ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଋଣ ଏବେ ସୁଦ୍ଧା ମଞ୍ଜୁର ହୋଇନାହିଁ ତେବେ ଏହି ପ୍ରକ୍ରିୟା ରେ କିଛି ଦିନ ଲାଗି ପାରେ। କେବଳ ଦିଲୀପ ନୁହଁନ୍ତି ଏପରି ଆଉ ୨/୩ ଗୋଟି ଡି. ଆର.ଆଇ ଋଣ ବ୍ୟାଙ୍କ ପାଖରେ ବିଚାରଧୀନ ଥିବା ବେଳେ କାହାକୁ ଋଣ ଦିଆଯିବ କାହାକୁ ଋଣ ଦିଆ ନ ଯିବ ତାହା ବ୍ୟାଙ୍କ ବୁଝି ବିଚାରି ସ୍ଥିର କରିବ ବୋଲି କହିଥିଲେ। ତେବେ ଋଣ ଦେବା ରେ ବିଳମ୍ବ ତଥା ଋଣ ଦେବା ନେଇ କୌଣସି ସୂଚନା ଦେବାକୁ ମେନେଜରଙ୍କ ଅନାଗ୍ରହ ମନଭାବ ନେଇ ବାଧ ହୋଇ ଦିଲ୍ଲୀପ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ କୁ ଚିଠି ଲେଖିଥିବା ବେଳେ ଭିନ୍ନକ୍ଷମଙ୍କୁ ସରକାରୀ ଯୋଜନା କେବଳ ପ୍ରହସନ ହୋଇ ରହି ଯାଇଥିବା କଥା ଦୁଃଖ ର ସହିତ ଜଣାଇଛନ୍ତି। ପ୍ରଶାସନ ଯଥା ଶୀଘ୍ର ଘଟଣାର ଉପଯୁକ୍ତ ତଦନ୍ତ କରି ତାଙ୍କୁ ଋଣ ଯୋଗାଇ ଦେବା ନିମନ୍ତେ ଦିଲ୍ଲୀପ ଦାବି କରିଛନ୍ତି।

# ୨୦୨୩ ରଜ ମହୋତ୍ସବ ପ୍ରତିଯୋଗିତା ଆବେଦନ ପତ୍ର ଉନ୍ମୋଚିତ

ଧର୍ମଶାଳା, ୭/୦୪ (ନି.ପ୍ର): ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଏହାର ଅଧିକରୁ ଅଧିକ ସଫଳତା ପାଇଁ ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ରଜ ମହୋତ୍ସବ ପାଇଁ ଯାଜପୁର ଜିଲାରେ ଧର୍ମଶାଳା ବ୍ଲକ ଚର୍ଚ୍ଚାରେ ରହି ଆସୁଛି। ଏହି ମହୋତ୍ସବ ଚଳିତ ବର୍ଷ ମହାସମାରୋହରେ ପାଳିତ ହେବ। ଏନେଇ ୨୦୨୩ ରଜ ମହୋତ୍ସବର ପ୍ରତିଯୋଗିତାର ଆବେଦନ ପତ୍ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ବିଶ୍ୱବନ୍ଦନା ଜେନାଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଜୁ ଜନତା ଦଳର ବରିଷ୍ଠ ନେତା ଜଳଧର ମହାନ୍ତି, ଡ. ପ୍ରୀୟନାଥ ମହାପାତ୍ର, ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ଜୋନ ସଂଯୋଜକ ଅମରେନ୍ଦ୍ର ରାୟ, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ମମତା ଖୁଣ୍ଟିଆ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ୫୪ ଗୋଟି ପଂଚାୟତକୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତାର ଆବେଦନ ପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନିର୍ବାଚନ ମଣ୍ଡଳୀର ଶହ ଶହ ସଂଖ୍ୟାରେ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ସଭାନେତ୍ରୀ ରେଣୁବାଳା ଶତପଥୀ, ଜିଲା ଉପ ସଭାନେତ୍ରୀ ମୀନତି ପଣ୍ଡା, ରାଜ୍ୟ ସମ୍ପାଦିକ ମୋନାଲିସା ଦାଶ, ସୁଜାତା ବିଶ୍ୱାଳ, ଶାନ୍ତିଲତା ଦାଶ, ସୁଜାତା ସାହୁ,୧୩ ନଂ ଜୋନ ସଭାନେତ୍ରୀ ବନଜିନୀ ପରିଡା ଓ ୫୪ ଗୋଟି ପଂଚାୟତର ସଭାନେତ୍ରୀ ଏବଂ ବ୍ଲକର ସମସ୍ତ କର୍ମକର୍ତା ଯୋଗ ଦେଇଥିଲେ।

# କଟକରୁ ଉଠିଯିବ ୮୬ ବର୍ଷ ପୁରୁଣା ପାଥୋଲୋଜି ଲାବୋରେଟୋରି



କଟକ : ୧୯୩୭ ମସିହାରୁ କଟକରେ ରହି ଆସିଥିବା ରାଜ୍ୟ ପାଥୋଲୋଜି ଲାବୋରେଟୋରି ଭୁବନେଶ୍ୱରକୁ ଉଠାଇ ନିଆଯିବ। ଗୋଟିଏ ପଟେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ଭିତ୍ତିଭୂମି ପ୍ରସ୍ତୁତ କରୁଥିବା ବେଳେ ଅନ୍ୟପଟେ ଏଭଳି ଐତିହାସିକ ଅନୁଷ୍ଠାନକୁ କେଉଁ ଉଦ୍ଦେଶ୍ୟରେ କଟକରୁ ଉଠାଇ ନେବାକୁ ଯୋଜନା କରୁଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ୮୬ବର୍ଷର ପୁରୁଣା ରାଜ୍ୟ ପାଥୋଲୋଜି ଲାବୋରେଟୋରିକୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରେ ନିର୍ମାଣ ଚାଲିଥିବା ଏକ ୫ମହଲା କୋଠାକୁ ସ୍ଥାନାନ୍ତର କରିବା ପାଇଁ ଏକପ୍ରକାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କିଛି ବର୍ଷ ଭିତରେ ଏହାକୁ ସଂପୂର୍ଣ୍ଣଭାବେ ସେଠାକୁ ସ୍ଥାନାନ୍ତର କରି ନେବାର ଯୋଜନା ରହିଛି। ୧୯୩୭ରେ କଟକରେ ଖୋଲାଯାଇଥିବା ଏହି ଲାବୋରେଟୋରିରେ ସେହି ସମୟରେ କଲେରା ଭ୍ୟାକସିନ୍ ପ୍ରସ୍ତୁତ ହେଉଥିବା କୁହାଯାଏ। ପରବର୍ତ୍ତୀ ସମୟରେ ଯଦିଓ ଏହା ବନ୍ଦ କରାଗଲା, କିନ୍ତୁ ଏବେ ବି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମେଡିକୋଲିଗାଲ ମାମଲାର ପରୀକ୍ଷା ଏହି ଲାବୋରେଟୋରିରେ କରାଯାଉଛି।

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପୂର୍ବରୁ ଏହି ପାଥୋଲୋଜି ଲାବୋରେଟୋରି ପ୍ରତିଷ୍ଠା ହୋଇଥିଲା। ଯେଉଁଠି ଏସ୍‌ସିବି ମେଡିକାଲ ପବ୍ଲିକ୍ ସ୍କୁଲ ରହିଥିଲା, ତା ନିକଟରେ ରହିଥିଲା ଏହି ରାଜ୍ୟ ପାଥୋଲୋଜି ଲାବୋରେଟୋରି। ଏସ୍‌ସିବିକୁ ଆସୁଥିବା ରୋଗୀଙ୍କ ସମସ୍ତ ପରୀକ୍ଷା ପୂର୍ବରୁ ସେଠାରେ କରାଯାଉଥିଲା। ପରେ ପରେ କଟକ ବଡ଼ଡାକ୍ତରଖାନା ମେଡିକାଲ କଲେଜ ମାନ୍ୟତା ପାଇବା ପରେ ସେଠାରେ ନିଜସ୍ୱ ପରୀକ୍ଷା ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ଧୀରେ ଧୀରେ ଏହାର ଗୁରୁତ୍ୱ କମିଯାଇଥିଲା। କିନ୍ତୁ ମେଡିକୋଲିଗାଲ ସଂପର୍କିତ ପରୀକ୍ଷା, ବିଶେଷକରି ଶିଶୁ ଯୌନଉତ୍ପୀଡନ ମାମଲାର ପରୀକ୍ଷା ଏହି ଲାବୋରେଟୋରିରେ କରାଯାଉଥିଲା। ପ୍ରଥମେ ଏଠି ୩୦ଜଣ କର୍ମଚାରୀ ରହିଥିବା ବେଳେ ବର୍ତ୍ତମାନ ତାହାକୁ ୨କୁ ହ୍ରାସ କରାଯାଇଛି। ଜଣେ ଡାକ୍ତର ତଥା ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାର ଅଧିକାରୀ ଓ ଜଣେ ଲାବୋରେଟୋରି ଟେକ୍ନିସିଆନଙ୍କୁ ନେଇ ଚାଲିଛି ଏହି ଐତିହାସିକ ଲାବୋରେଟୋରି। ଏସ୍‌ସିବି ସଂପ୍ରସାରଣ ଯୋଜନାରେ ଏହାର କୋଠା ମାଟିରେ ମିଶିଯାଇଥିବା ବେଳେ ଏବେ ଏହା ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୨ୟ ମହଲାରେ କାମ କରୁଛି। ଯାହାଫଳରେ ଅଧା ଯନ୍ତ୍ରପାତି ବି ରଖିବାକୁ ବି ସେଠାରେ ସ୍ଥାନ ନାହିଁ। ୪୮କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ତିଆରି ହେଉଥିବା ଷ୍ଟେଟ୍ ଅଫ୍ ଦି ଆର୍ଟ ଲାବୋରେଟୋରି ସହିତ ଏହାକୁ ସଂପୂର୍ଣ୍ଣ ମିଶାଇ ଦେବାର ଯୋଜନା ରହିଛି। ସେଠାରେ ସମସ୍ତ ପ୍ରକାର ଗବେଷଣା ସହ ବିଭିନ୍ନ ଭୂତାଣୁ ସଂପର୍କରେ ମଧ୍ୟ ଅନୁଧ୍ୟାନ କରାଯାଇ ଗବେଷଣା କରାଯିବ। ଏ ସଂପର୍କରେ ଦାୟିତ୍ୱରେ ଥିବା ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ ବିଶ୍ୱାଳଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ ବର୍ତ୍ତମାନ ଏଠାରେ ମେଡିକୋଲିଗାଲ ମାମଲାର ପରୀକ୍ଷା ହେଉଛି। ଏହାକୁ ଭୁବନେଶ୍ୱର ଉଠାଇ ନିଆଯିବା ସଂପର୍କରେ ସେ କହି ପାରିବେନି କିନ୍ତୁ ସେ ବି ଏ ସଂପର୍କରେ ଶୁଣୁଛନ୍ତି ବୋଲି କହିଛନ୍ତି।

କିନ୍ତୁ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ସଂପ୍ରସାରଣ ହେଉଥିବା ବେଳେ ଏହି ଐତିହାସିକ ଲାବୋରେଟୋରିକୁ କଟକରେ ନ ରଖି ତାହାକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରି ଭୁବନେଶ୍ୱର ଉଠାଇ ନେବା କି ଉଦ୍ଦେଶ୍ୟ ସାଧନ କରିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

## ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ମାମଲା

# ଦୋଷୀକୁ ୧୦ ବର୍ଷ ଜେଲ୍, ୪୫ ହଜାର ଟଙ୍କା ଜରିମାନା

ଗଞ୍ଜାମ,୭/୦୪ (ନି.ପ୍ର): ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ପ୍ରଭାତ କୁମାର ରାଜଗୁରୁ ଆଜି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଦିଗପହଣ୍ଡି ଥାନା ଅନ୍ତର୍ଗତ ନୂଆଅନନ୍ତେଇ ଗ୍ରାମର ବଳରାମ ଗୌଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ୩ ମାସ କାରାଦଣ୍ଡ ନେଇ କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ ପାଇଁ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୁକ୍ତ ବଳାରାମ ଜଣେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ୨୦୧୫ ଜାନୁଆରୀ ୧୪ରେ ସଦର ଥାନା ଅଂଚଳର ଜଣେ ନାବାଳିକାକୁ ଚେନ୍ନାଇରେ ପାଠ ପଢାଇବାକୁ କହି ଅପହରଣ କରି ନେଇଥିଲା। କିନ୍ତୁ, ସେଠାରେ ତାକୁ ଦିନ ମଜୁରିଆ ଭାବେ ନିୟୋଜିତ କରିବା ସହ ବଳପୂର୍ବକ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ଗର୍ଭବତୀ ହେବାରୁ ସେହିବର୍ଷ ମଇ ୨୮ ରେ ବଳରାମ ନାବାଳିକାଙ୍କୁ ଆଣି ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ନିକଟରେ ଏକ ଅର୍ଦ୍ଧନିର୍ମିତ ଘରେ ରଖିଥିଲା। ସେଠାରେ ତାକୁ ଖାଇବାକୁ ନଦେଇ ମାରପିଟ୍ କରୁଥିଲା। ଏବଂ ଗର୍ଭପାତ କରାଇବା ପାଇଁ ଔଷଧ ଖୁଆଇଥିଲା। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରି ନାବାଳିକାଙ୍କ ମାଙ୍କୁ ଖବର ଦେଇଥିଲା ବଳରାମ। ମା ଆସି ଡାକ୍ତରଖାନାରେ ଝିଅକୁ ଦେଖିଥିଲେ। କିନ୍ତୁ, ହଠାତ୍ ବଳରାମ ନାବାଳିକାକୁ ଡାକ୍ତରଖାନାରୁ ନେଇ ରାଳବ ସ୍ଥିତି ସେହି ଅର୍ଦ୍ଧନିର୍ମିତ ଘରେ ଛାଡି ଫେରାର୍ ହୋଇଯାଇଥିଲା। ଖବର ପାଇ ପୀଡ଼ିତାଙ୍କ ମା ସେଠାରେ ପହଂଚି ଝିଅକୁ ଉଦ୍ଧାର କରିଥିଲେ। ପରେ ସେ ଏ ସମ୍ପର୍କରେ ଥାନାରେ ଏତଲା କରିଥିଲେ। ଏତଲାକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ବଳରାମକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାରଣା ବେଳେ ୧୬ ଜଣଙ୍କ ସାକ୍ଷ୍ୟଗ୍ରହଣ କରାଯାଇ ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

## ବୃଦ୍ଧଙ୍କୁ କନ୍ଧାଜୁରି ଗ୍ରାମରେ ମରଣାନ୍ତକ ଆକ୍ରମଣ ଅଭିଯୋଗ

ବଲାଙ୍ଗୀର,୭/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଲୋଇସିଂହା ବ୍ଲକ ଅନ୍ତର୍ଗତ କନ୍ଧାଜୁରି ଗ୍ରାମରେ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଥିବା ଖବର ମିଳିଛି। ତେବେ ସୂଚନା ଆଧାରରେ ଉକ୍ତ ଗ୍ରାମର ୫୮ବର୍ଷିୟ ସୁରୁବାବୁ ରଣା ନାମକ ଜଣେ ବ୍ୟକ୍ତିଙ୍କୁ ସେହି ଗାଁ ର ଚାରି ଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ସୂଚନା ରହିଛି। ଘଟଣାଟି କେଉଁ କାରଣରୁ ଘଟିଛି ତାହା ସ୍ପଷ୍ଟ ହୋଇପାରୀନାହିଁ।

# ଚମ୍ପୁଆ ରେଞ୍ଜରେ ଆତଙ୍କ ମଚେଇ ଥିବା ବାରହା ମୃତ

ଚମ୍ପୁଆ,୭/୦୪ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜଜାଙ୍ଗ ଅଂଚଳରେ ଗତ କାଲି ଏକ ଜଙ୍ଗଲୀ ବାରହା ଆତଙ୍କ ମଚେଇ ଜଣେ ମହିଳା ଓ ଶିଶୁ ସମେତ ୪ ଜଣଙ୍କୁ ଆକ୍ରମଣ କରିଥିଲା। ଫଳରେ ସେମାନେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ୪ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ନିକଟସ୍ଥ ଏକ ଘରୋଇ ଖଣି କମ୍ପାନୀର ଡିସ୍ପେନସାରୀରେ ଚିକିତ୍ସା କରାଯାଉଥିବାବେଳେ, ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଯୋଡ଼ା ଟାଟା ଷ୍ଟିଲ ହସ୍ପିଟାଲରେ ଭର୍ତି କରାଯାଇଛି। ଗୁରୁତରମାନେ ହେଲେ, ମାନସିଂହ ମୁଣ୍ଡା, ଭଟ୍ଟ ମାଝୀ, ଲାଇଭ ଷ୍ଟକ୍ ଇନ୍ସପେକ୍ଟର କବିତା ସେଠୀ ଓ ତାଙ୍କ ୮ ବର୍ଷର ପୁଅ ମୟଂକ। ବାରହାଟି ନିକଟସ୍ଥ ଜଙ୍ଗଲରୁ ଗାଁ ଭିତରକୁ ପଳାଇ ଆସି ଲୋକଙ୍କ ଘର ଭିତରେ ପଶି ଲୋକଙ୍କୁ ଆକ୍ରମଣ କରିବା ଯୋଗୁଁ ଲୋକେ ଭୟଭୀତ ହୋଇପଡିଥିଲେ। ଏନେଇ ଖବର ପାଇବା ପରେ ଚମ୍ପୁଆ ରେଞ୍ଜର ଓ ବନ ବିଭାଗ କର୍ମଚାରୀଙ୍କ ସମେତ ଭେଟିନାରୀ ଟିମ୍ ଘଟଣାସ୍ଥଳରେ ପହଂଚିଥିଲେ। ଏଥିସହିତ କେନ୍ଦୁଝରରୁ ୱାଇଲ୍ଡ ଲାଇଫ ଆନିମଲ ରେସ୍କ୍ୟୁ ଟିମ୍ ମଧ ପହଂଚିଥିଲା। ବେଶ୍ କିଛି ଘଂଟାର ପରିଶ୍ରମ ପରେ ବାରହାକୁ ଟ୍ରାଙ୍କୁଲାଇଜ କରିବାରେ ସକ୍ଷମ ହୋଇଥିଲା ବନବିଭାଗ। ବାରହା ଅଚେତ୍ ହେବାପରେ ତାକୁ ଜାଲରେ ବାନ୍ଧି ସେଠାରୁ ଉଦ୍ଧାର କରି ବନ ବିଭାଗ ନେଇଆସିଥିଲା। ହେଲେ ଟ୍ରଙ୍କୁଲାଇଜ କରାଯାଇ ଥିବା ବାରହାଟି ମୃତ୍ୟୁବରଣ କରିଥିବା ଜଣାପଡିଛି। ବାରହାଟିର ମୃତ ଶରୀର ଚମ୍ପୁଆ ରେଞ୍ଜ ଅଫିସ କୁ ଅଣା ଯାଇ ଥିବା ବେଳେ ଆଜି ଚମ୍ପୁଆ ବନ ବିଭାଗ କାର୍ଯ୍ୟାଳୟ ଠାରେ କେନ୍ଦୁଝରରୁ ଆସିଥିବା ୱାଇଲଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ ର ଭେଟନାରୀ ଡାକ୍ତର ବ୍ରଜରାଜ ଯାଦବ, ଚମ୍ପୁଆ ବି.ଭି.ଓ ଶିବଚରଣ ସିଂହ, ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ବନପାଳ କାଳନ୍ଦୀ ଚରଣ ସାମଲ ପ୍ରମୁଖଙ୍କ ସମେତ ସମସ୍ତ ବନ କର୍ମଚାରୀଙ୍କ ଉପସ୍ଥିତିରେ ମୃତ ବାରହାର ଶବ ବ୍ୟବଚ୍ଛେଦ କରାଯାଇଛି। ତେବେ ଅନୁମାନିକ ୧୦ - ୧୨ ବର୍ଷ ବୟସର ଏହି ବାରହାଟି ଆଘାତ ଜନିତ ମୃତ୍ୟୁବରଣ କରିଥିବା ବ୍ୟବଛେଦ ରିପୋର୍ଟରୁ ଜଣାପଡିଛି।

# ଜୟପୁରରେ ପାଳିତ ହେଲା ଭାରତୀୟ ଜନତା ପାର୍ଟିର ୪୪ ତମ ପ୍ରତିଷ୍ଠା ଦିବସ

ଜୟପୁର,୭/୦୪ (ନି.ପ୍ର): ବିଜେପି ଦଳର ଆଜି ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ୪୨ବର୍ଷ ତଳେ ଆଜିର ଦନରେ ଅର୍ଥାତ ୬ ଏପ୍ରିଲ ୧୯୮୦ରେ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ସମେତ ୧୧ ଜଣ ନେତା ମିଶି ମୁମ୍ବାଇର ସମୁଦ୍ର କୂଳରେ ଭାରତୀୟ ଜନତା ପାର୍ଟିର ସ୍ଥାପନା କରିଥିଲେ। ଏନେଇ ଜୟପୁର ପାୱାର ହାଉସ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର କଲ୍ୟାଣ ମଣ୍ଡପ ରେ ପହଂଚିଥିଲା। ସେଠାରେ ବୈଠକ ଅନୁଷ୍ଠିତ ହୋଇଛି। ବିଜେପିର ଛବି କେବଳ ଏକ କଠୋର ହିନ୍ଦୁତ୍ୱବାଦୀ ଦଳରେ ସୀମିତ ରହିନାହିଁ। ବିଜେପିର ପୂର୍ବ ସ୍ୱରୂପ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଦୀନଦୟାଲ ଉପାଧ୍ୟାୟଙ୍କର ଯେଉଁ ମନ୍ତ୍ର ଥିଲା ଅନ୍ତୋଦୟ ସେହି ରାସ୍ତାରେ ଚାଲିଛନ୍ତି ଆମ ପ୍ରିୟ ମୋଦି ସରକାରଙ୍କ ଆଜିର ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଜୟପୁର ର ବାରିଷ୍ଟ ନେତାଙ୍କ ସହଯୋଗରେ ଏକ ବିରାଟ ବାଇକ ରାଲି ର ଆୟୋଜନ କରାଯାଇଥିଲା। ଏହି ରାଲି ଜୟପୁର ପାୱାର ହାଉସ ଛକ ଠାରୁ ଆରମ୍ଭ ହୋଇ ଜୟପୁର ସହର ପରିକ୍ରମା କରିଥିଲା ଏହି ରାଲିରେ ଭାରତୀୟ ଜନତା ପାର୍ଟି ର କାର୍ଯ୍ୟକର୍ତା ଯୋଗଦାନ କରିଥିଲେ ତା ସହିତ ଆଜିର ଏହି ପ୍ରତିଷ୍ଠା ଦିବସରେ ଅନେକ ସ୍ଥାନୀୟ ଯୁବକ ମଧ ବିଜେପି ଦଳରେ ନୂତନ ସଦସ୍ୟ ଭାବେ ଯୋଗଦେଇଥିଲେ।

# ୧୬ ନଂ ଜାତୀୟ ରାଜପଥ ପାଲଟିଛି ଡେଥ୍ ଜୋନ: ଅକାଳରେ ଝଡି ପଡୁଛି ନିରୀହ ଜୀବନ

ଧର୍ମଶାଳା,୭/୦୪ (ନି.ପ୍ର): ଅକାଳରେ ଝଡି ପଡୁଛି ନିରୀହ ଜୀବନ। ଯାହାକୁ ନେଇ ଜାତୀୟ ରାଜପଥରେ ଯିବାକୁ ଅସୁରକ୍ଷିତ ମଣୁଛନ୍ତି ସାଧାରଣ ଜନତା। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଜାତୀୟ ରାଜପଥ ଅଧିକାରୀମାନଙ୍କ ନଜରେ ପଡୁ ନାହିଁ। କେବଳ ଡାକବାଜି ଯନ୍ତ୍ର ମାଧ୍ୟମରେ ନିଜର କାର୍ଯ୍ୟ ଶେଷ କରି ଦେଉଛନ୍ତି। ହେଲେ ଆଇନ ଅମାନ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ବାରମ୍ବାର ଏଭଳି ଘଟଣା ଘଟୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଜାରକାଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଯାଇଥିବା ୧୦ କିମି ଏହି ଜାତୀୟ ରାଜପଥ ଏବେ ଡେଥ୍ ଜୋନ ପାଲଟିଛି। ଏହି ରାସ୍ତା ମଝିରେ ୧ମାସ ମଧ୍ୟରେ ୧୦ରୁ ଉର୍ଦ୍ଧ ନିରୀହ ଜୀବନ ଯାଇଥିବା ବେଳେ ଅନେକ ଲୋକ ଦିବ୍ୟାଙ୍ଗ ହୋଇପଡିନ୍ତି। ଯାହାକୁ ନେଇ ଏବେ ଚିନ୍ତାରେ ଜନସାଧାରଣ। ଏଥି ପାଇଁ ଅନେକ ସମୟରେ ଜନସାଧାରଣ ପ୍ରଶାସନିକ ଅଧିକାରୀ ଦାୟୀ କରୁଥିଲେ ମଧ୍ୟ ସେପରି କିଛି ସୁଫଳ ମିଳି ପାରୁ ନାହିଁ। ତେବେ ଏହି ଜାତୀୟ ରାଜପଥ ଏବେ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବାବେଳେ ଏହି ରାସ୍ତାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ହେଲେ ରାସ୍ତା କଡଡରେ ବେଆଇନଭାବେ ଭାରି ଯାନ ପାର୍କିଂ କରୁଛନ୍ତି। ଫଳରେ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ୧ମାସ ଭିତରେ ଏହି ରାସ୍ତାରେ ୧୦ରୁ ଉର୍ଦ୍ଧ ଜୀବନ ଯାଇଛି। ବିଶେଷ କରି ନେଉଳପୁର ନିକଟରେ ଏକ ଟ୍ରକ ପଛ ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଏକାଥରକେ ୭ ଜୀବନ ଯାଇଥିଲା। ସେହିପରି ବୁଧବାର ଦିନ ଧର୍ମଶାଳା ଥାନା ଅଧିନସ୍ଥ ଜାରକା ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଏକ ଟକ୍ର ପଛପଟୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ୨ ଜଣ ଜୀବନ୍ତ ପୋଡି ମୃତ୍ୟୁବରଣ କରିଥିଲେ। ସେହିପରି ସମାନ ଢଙ୍ଗରେ ବୁଧବାର ବିଳମ୍ବିତ ରାତିରେ ଜାରକାଠାରେ ଏକ ଟକ୍ର ପଛରେ ଅନ୍ୟ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କର ଗୋଟିଏ ଗୋଡ ହରାଇବାକୁ ପଡିଥିଲା। ନେଉଳପୁର ଦୁର୍ଘଟଣା ପରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେନତ କରାଇ ଚାଲିଯାଇଥିଲେ।

# ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକୋତ୍ସବ



ଲଙ୍ଗଳେଶ୍ୱର ୭/୪(ନିପ୍ର) ଲଙ୍ଗଳେଶ୍ୱର ଠାରେ ଥିବା ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କାଳିଝାଟି ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ର ସଭାପତି ଜୟନାରାୟଣ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡା:ବିଜୟ କୁମାର ଦେ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ଅତିଥି ଖଗେନ୍ଦ୍ର ସେନାପତି ଯୋଗଦେଇ ଶିକ୍ଷକ ଛାତ୍ରଛାତ୍ରୀ ଓ ଛାତ୍ର ଅଭିଭାବକ ମଧରେ ସୁ ସମ୍ପର୍କ ରହିଲେ ବିଦ୍ୟାଳୟ ର ପାଠ ପଢ଼ାରେ ଉତ୍ତମ ସୁଫଳ ମିଳିଥାଏ ଓ ମୌଳିକ ବୈଶିଷ୍ଟ୍ୟ ବଜାଇ ରହିଥାଏ। ବିଦ୍ୟାଳୟ ର ସମ୍ପାଦକ ବିଦୁର ପଡିଆରୀ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଜୟ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କୃତି ଛାତ୍ରଛାତ୍ରୀ ମାନଙ୍କ ପୁରସ୍କାର ବିତରଣ କରାଯାଇଥିଲା।

# ମହାପ୍ରଭୁଙ୍କ ଯାତ୍ରାକୁ ନେଇ ପୁରୀରେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା, ଅକ୍ଷୟ ତୃତୀୟା ଓ ରଥଯାତ୍ରା ପାଇଁ ପ୍ରଶାସନିକସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି । ଭକ୍ତଙ୍କ ସୁରକ୍ଷା ସହ ଶୃଙ୍ଖଳିତ ରଥଯାତ୍ରା ପାଇଁ ଗୁରୁତ୍ୱ ଦିଆଯାଇଛି । ଐତିହ୍ୟ କରିଡ଼ର ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଆସନ୍ତା ମେ ମାସ ଅଧା ବେଳକୁ କାମ ସମାପ୍ତ ହୋଇଯିବ ବୋଲି ଜିଲ୍ଲାପାଳ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଚଳିତ ମାସ ୨୩ ତାରିଖରେ ପଡୁଛି ପବିତ୍ର ଅକ୍ଷୟ ତୃତୀୟା । ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସହ ରଥ ନିର୍ମାଣର ଶୁଭ ଅନୁକୂଳ ପର୍ବ । ଗତବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ ହୋଇଥିଲା । ଚଳିତ ବର୍ଷ ରଥଯାତ୍ରାକୁ ଆହୁରି ଭଲଭାବେ କରିବା ପାଇଁ ପୁରୀ ପୋଲିସ ପ୍ରଶାସନିକସ୍ତରରେ ପ୍ରସ୍ତୁତି ହୋଇଛି । ଶ୍ରୀମନ୍ଦିର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଇଛି । ଅକ୍ଷୟ ତୃତୀୟା ପାଇଁ ଚଳିତ ମାସ ୧୦ ତାରିଖରୁ ସେଡ ନିର୍ମାଣ ହେବ । ଶ୍ରୀସେତୁ ଅଞ୍ଚଳ ରାସ୍ତାକୁ ମୋଟରେବୁଲ କରାଯିବ । ସମଙ୍ଗ ମୌଜାରେ ୪୦ ଏକର ଜାଗାରେ ପାର୍କିଂ ଜୋନ କରାଯିବା ନେଇ ସୂଚନା ମିଳିଛି । ଅନ୍ୟପଟେ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ସେବା ପାଇଁ ଯାଉଥିବା ସେବାୟତ ମାନେ ନାଳ, ନର୍ଦ୍ଦମା ପାଣି ମାଡ଼ିଯିବାକୁ ବାଧ ହେଉଛନ୍ତି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସେବାୟତ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବସଷ୍ଟାଣ୍ଡ ଜମିରେ ବ୍ୟବସାୟିକ କୋଠା ନିର୍ମାଣ...

ଟଙ୍କା ବ୍ୟୟରେ ବିବାଦୀୟ ଜମି ଉପରେ ଥିବା ସହଦେବଖୁଣ୍ଟା ବସଷ୍ଟାଣ୍ଡ ପରିସରକୁ ସଙ୍କୁଚିତ ସହ ନବୀକରଣ କାର୍ଯ୍ୟ ଜାରି ରଖିବାର ଉଦ୍ଦେଶ୍ୟକୁ ନେଇ ଏହି ବୈଠକରେ ଉଦବେଗ ପ୍ରକାଶ ପାଇଛି। ବାଲେଶ୍ୱରରେ ୩ଶହରୁ ଉର୍ଦ୍ଧ୍ୱ ଘରୋଇ ବସ ଚଳାଚଳ କରୁଥିବା ବେଳେ ସହଦେବଖୁଣ୍ଟା ବସଷ୍ଟାଣ୍ଡରେ ମାତ୍ର ୩୧ଟି ବସ ରହିବା ପାଇଁ ବ୍ୟବସ୍ଥା କରାଯାଉଛି। ସଂକୀର୍ଣ୍ଣ ରାସ୍ତାରେ ଥିବା ଏହି ବସଷ୍ଟାଣ୍ଡ ଯେ ସହରରେ ଭିଡ଼ବୃଦ୍ଧି କରିବ ଏଥିରେ ସନ୍ଦେହ ନାହିଁ। ସହଦେବଖୁଣ୍ଟାରେ ବସଷ୍ଟାଣ୍ଡ ପାଇଁ ଅଧିକ ଆର୍ଥିକ ଅନୁଦାନ ପ୍ରଦାନ ପରେ ରେମୁଣାରେ ପ୍ରସ୍ତାବିତ ବସଷ୍ଟାଣ୍ଡର କଳେବରକୁ ସଙ୍କୁଚିତ କରାଯାଇଥିବା ସୋସାଇଟିର କର୍ମକର୍ତ୍ତମାନେ ଆରୋପ ଉଠାଇଛନ୍ତି । ସରକାରୀ ଜମିରେ ରିଏଲ ଇଷ୍ଟେଟ ଦ୍ୱାରା ଆପାର୍ଟମେଣ୍ଟ ନିର୍ମାଣ କରି ସେଥିରୁ ସାଧାରଣ ଲୋକଙ୍କୁ ଘର ବିକ୍ରି କରିବାର ଯୋଜନାରୁ ଜିଲା ପ୍ରଶାସନକୁ ନିବୃତ ନହେଲେ ସିଭିଲ ସୋସାଇଟି ଅଦାଲତର ଆଶ୍ରୟ ନେବା ସହ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ଉପସ୍ଥିତ କର୍ମକର୍ତ୍ତମାନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ଜେନା, ଅରୁଣ ଜେନା, ଶରତଚନ୍ଦ୍ର ଦଳାଇ, ଦେବାଶିଷ ସିଂ, ଶରତ କୁମାର ପାତ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

## ୨ ଦିନ ଯାଏଁ କାଳବୈଶାଖୀ...

ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୯ ତାରିଖରେ କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବୌଦ୍ଧ, ଅନୁଗୁଳ, କଟକ, ଢେଙ୍କାନାଳ ,କେନ୍ଦୁଝର, ମୟୁରଭଂଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଭାରତର ବିଶ୍ୱସ୍ତରୀୟ ଡିଜିଟାଲ ଭିତ୍ତିଭୂମି ଅନ୍ୟ ଦେଶ ପାଇଁ ଅନୁକରଣୀୟ : ଆଇଏମଏଫ

ନୂଆଦିଲ୍ଲୀ,୭/୪(ନିପ୍ର) : ଭାରତର ଡିଜିଟାଲ ଭିତ୍ତିଭୂମିକୁ ପ୍ରଶଂସା କରିଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍)। ନିକଟରେ ଏହି ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ ୱାର୍କିଂ ପେପରରେ କୁହାଯାଇଛି ଯେ ଭାରତ ଏକ ବିଶ୍ୱସ୍ତରୀୟ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିଛି ଯାହାକି ଜନସାଧାରଣଙ୍କ ଜୀବନଧାରଣରେ ଉନ୍ନତି ଆଣିବା ସହିତ ଆର୍ଥିକ ବିକାଶରେ ସହାୟକ ହେଉଛି । ଅନ୍ୟ ଦେଶମାନେ ଭାରତ ଠାରୁ ଶିକ୍ଷାଲାଭ କରିପାରିବେ ବୋଲି ଆଇଏମଏଫ ରିପୋର୍ଟରେ କୁହାଯାଇଛି । 'ଷ୍ଟେକିଂ ଅପ୍ ଦ ବେନିଫିଟ୍ସ ଲେସନ୍ସ ଫ୍ରମ ଇଣ୍ଡିଆସ୍ ଡିଜିଟାଲ ଜର୍ଣ୍ଣ' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ, ଡିଜିଟାଲକରଣ କ୍ଷେତ୍ରରେ ଭାରତ ସରକାର ଉତ୍ପ୍ରେରକ ଭୂମିକା ନିର୍ବାହ କରୁଛନ୍ତି, ଏକ ଆଙ୍କର କ୍ଲାଏଣ୍ଟ ଭାବେ କାମ କରିଛନ୍ତି ଏବଂ ଇଣ୍ଡିଆ ଷ୍ଟେକର ପରିଚାଳନାରେ ନିରନ୍ତରତା ବଜାୟ ରଖିବା ଲାଗି ବିଭିନ୍ନ ପ୍ରତିଷ୍ଠାନ ଗଢ଼ିଛନ୍ତି । ଭାରତରେ ସାଧାରଣତଃ ବ୍ୟବହାର କରାଯାଉଥିବା ଡିଜିଟାଲ ଭିତ୍ତିଭୂମି (ଡିପିଆଇ)ଗୁଡ଼ିକୁ ଏହି ପେପରରେ 'ଇଣ୍ଡିଆ ଷ୍ଟେକ୍' ନାମରେ ନାମିତ କରାଯାଇଛି । ଏଥିରେ ତିନୋଟି ଭିନ୍ନ ଭିନ୍ନ ସ୍ତର ରହିଛି ଯଥା – ଏକକ ପରିଚୟ (ଆଧାର), ସହାୟକ ଅର୍ଥ ନେଣଦେଣ ବ୍ୟବସ୍ଥା (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ବା ୟୁପିଆଇ, ଆଧାର ପେମେଣ୍ଟସ୍ ବ୍ରିଜ, ଆଧାର ସଂଯୁକ୍ତ ପେମେଣ୍ଟ ସେବା), ଏବଂ ଡେଟା ଏକ୍ସଚେଞ୍ଜ (ଡିଜିଲକର ଏବଂ ଏକାଉଣ୍ଟ ଏଗ୍ରିଗେଟର) । ଏସବୁ ମିଶି ଅନଲାଇନ, କାଗଜମୁକ୍ତ, ନଗଦବିହୀନ ଏବଂ ଗୋପନୀୟ ଡିଜିଟାଲ ସେବା ଯୋଗାଇ ଦେଉଛନ୍ତି । ସବୁ ଲୋକଙ୍କୁ ବିଭିନ୍ନ ପ୍ରକାର ସରକାରୀ ଓ ଘରୋଇ ଡିଜିଟାଲ ସେବାର ଲାଭ ମିଳିପାରୁଛି ବୋଲି ଆଇଏମଏଫ କହିଛି । ଆଇଏମଏଫ ଦସ୍ତାବିଜରେ ଆହୁରି କୁହାଯାଇଛି ଯେ, ଡିଜିଟାଲ କ୍ଷେତ୍ରରେ ନିବେଶର ଲାଭ ସାରା ଦେଶରେ ଅନୁଭୂତ ହୋଇଛି ଏବଂ ମହାମାରୀ ସମୟରେ ଏହା ବିଶେଷ ସହାୟକ ହୋଇଛି ।

ଆଧାର ବ୍ୟବସ୍ଥା କାରଣରୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ଆର୍ଥିକ ସହାୟତା ସିଧାସଳଖ ସରକାରୀ ରାଜକୋଷରୁ ହିତାଧିକାରୀ ବ୍ୟାଙ୍କ ଖାତାକୁ ପଠାଇବା ସହଜ ହୋଇଛି । ଏହା ବାଟମାରଣା ଦୂର କରିବା ସହ ଦୁର୍ନୀତି ମୂଳୋତ୍ପାଟନ କରିଛି । ବିଭିନ୍ନ ସରକାରୀ ଯୋଜନାକୁ ଅଧିକ ପ୍ରସାର ସହିତ ପ୍ରଭାବୀ ଢଙ୍ଗରେ ହିତାଧାକାରୀଙ୍କ ନିକଟରେ ପହଞ୍ଚାଇବା ଲାଗି ଏହା ଏକ ଉପକରଣ ଭାବେ କାର୍ଯ୍ୟ କରୁଛି । ଡିଜିଟାଲ ଭିତ୍ତିଭୂମି ଏବଂ ଅନ୍ୟ ସରକାରୀ ସଂସ୍କାର କାରଣରୁ ମାର୍ଚ୍ଚ ୨୦୨୧ ସୁଦ୍ଧା ଜିଡିପିର ପ୍ରାୟ ୧.୧ ପ୍ରତିଶତ ରାଜସ୍ୱ ସଞ୍ଚୟ କରାଯାଇପାରିଥିବା ଭାରତ ସରକାର ଆକଳନ କରିଛନ୍ତି । ଆଇଏମଏଫ ପକ୍ଷରୁ ଆହୁରି କୁହାଯାଇଛି ଯେ, ଏହି ଡିଜିଟାଲ ଭିତ୍ତିଭୂମିକୁ ବ୍ୟବହାର କରି ଭାରତ ମହାମାରୀ ସମୟରେ କୋଟି କୋଟି ଗରିବ ପରିବାରକୁ ପ୍ରଭାବୀ ଢଙ୍ଗରେ ଆର୍ଥିକ ସହାୟତା ଯୋଗାଇ ଦେବାରେ ସକ୍ଷମ ହୋଇଥିଲା । ମହାମାରୀର ପ୍ରାରମ୍ଭିକ ମାସଗୁଡ଼ିକରେ ପ୍ରାୟ ୮୭ ପ୍ରତିଶତ ଗରିବ ପରିବାର ଅତିକମରେ ଗୋଟିଏ ସରକାରୀ ଯୋଜନାର ଲାଭ ପାଇଥିଲେ । ନବସୃଜନ ଓ ପ୍ରତିଯୋଗିତାକୁ ପ୍ରୋତ୍ସାହନ; ବଜାର ସମ୍ପ୍ରସାରଣ; ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ରହିଥିବା ବ୍ୟବଧାନ ଦୂରୀକରଣ ସରକାରୀ ରାଜସ୍ୱ ସଂଗ୍ରହକୁ ପ୍ରୋତ୍ସାହନ ଏବଂ ସାର୍ବଜନୀନ ବ୍ୟୟରେ ଦକ୍ଷତା ଆଣିବା ଲାଗି ଇଣ୍ଡିଆ ଷ୍ଟେକ୍‌କୁ ଏକ ମଞ୍ଚ ଭାବେ ବ୍ୟବହାର କରାଯାଇଥିବା ଆଇଏମଏଫ କହିଛି । ଡିଜିଟାଲ ନେଣଦେଣ ଏବେ ସର୍ବତ୍ର ପ୍ରସାରିତ ହୋଇପାରିଛି । ମୋଟ୍ ଅର୍ଥ କାରବାର ମଧ୍ୟରୁ ୟୁପିଆଇ ମାଧ୍ୟମରେ ୬୮ ପ୍ରତିଶତ ଆର୍ଥିକ ନେଣଦେଣ ହେଉଛି । ଡିଜିଟାଲ ମାଧ୍ୟମରେ ଅର୍ଥ ପଇଠ କାରଣରୁ ଛୋଟ ବ୍ୟବସାୟୀଙ୍କ ଗ୍ରାହକ ଆଧାର ବୃଦ୍ଧି ପାଇଛି, ସେମାନଙ୍କର ଅର୍ଥ କାରବାରର ରେକର୍ଡ ରଖାଯାଇପାରୁଛି ଏବଂ ଏହାଦ୍ୱାରା ସେମାନଙ୍କୁ ଋଣ ଭଳି ଆର୍ଥିକ ସହାୟତା ସହଜରେ ଉପଲବ୍ଧ ହୋଇପାରୁଛି ।

ଏକାଉଣ୍ଟ ଏଗ୍ରୀଗେଟର ମାଧ୍ୟମରେ ପ୍ରାୟ ୪.୫ ନିୟୁତ ବ୍ୟକ୍ତିବିଶେଷ ଓ କମ୍ପାନୀମାନେ ଲାଭବାନ ହୋଇଛନ୍ତି । ଅଗଷ୍ଟ ୨୦୨୧ରେ ଶୁଭାରମ୍ଭ ହେବା ପରଠାରୁ ଏହାର ପ୍ରଚଳନ ଅଧିକ ଦ୍ରୁତ ବୃଦ୍ଧି ପାଇଛି । ଡିଜିଟାଲକରଣ ଦ୍ୱାରା ଅର୍ଥବ୍ୟବସ୍ଥାର ଔପଚାରିକରଣକୁ ସହାୟତା ମିଳିଛି । ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୨୨ ମଧ୍ୟରେ ୮.୮ ନିୟୁତ ନୂଆ ଟିକସଦାତା ଜିଏସଟି ବ୍ୟବସ୍ଥାରେ ପଞ୍ଜୀକରଣ କରିଛନ୍ତି, ଫଳରେ ବିଗତ କିଛି ବର୍ଷ ମଧ୍ୟରେ ସରକାରଙ୍କ ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଛି ।

ଏହାଛଡ଼ା ସରକାରୀ ସେବାଯୋଗାଣ ବ୍ୟବସ୍ଥିତ ହୋଇପାରିଛି, ଉଦାହରଣ ସ୍ୱରୂପ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା କାଗଜପତ୍ର ନାଗରିକମାନେ ଅନଲାଇନ ମାଧ୍ୟମରେ ପାଇପାରୁଛନ୍ତି । ସେହିପରି ଡିଜିଟାଲ ବ୍ୟବସ୍ଥା, କେୱାଇସି ପ୍ରକ୍ରିୟାକୁ ଡିଜିଟାଲ ଓ ସହଜ କରିଛି, ଏହାଦ୍ୱାରା ଖର୍ଚ୍ଚ କମିଛି । ଇ-କେୱାଇସି ବ୍ୟବହାର କରୁଥିବା ବ୍ୟାଙ୍କଗୁଡ଼ିକ ସେମାନଙ୍କ ଅନୁପାଳନ ଖର୍ଚ୍ଚକୁ ୧୨ ଆମେରିକୀୟ ଡଲାରରୁ ୬ ଆମେରିକୀୟ ସେଣ୍ଟକୁ କମାଇ ପାରିଛନ୍ତି । ଖର୍ଚ୍ଚ କମିବା କାରଣରୁ କମ ଆୟବର୍ଗର ଗ୍ରାହକମାନେ ବିଭିନ୍ନ ସେବା ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି । ନୂଆ ଉତ୍ପାଦ ବିକାଶରେ ଲାଭ ମିଳିପାରୁଛି ବୋଲି ଆଇଏମଏଫ କହିଛି । ଆର୍ଥିକ ଅନ୍ତର୍ଭୁକ୍ତିକରଣର ଏକ ଉଦାହରଣ ଦେଇ ଏହି ଦସ୍ତାବିଜରେ କୁହାଯାଇଛି ଯେ, ୨୦୧୪ରେ ସରକାର କମ ଖର୍ଚ୍ଚରେ ବ୍ୟାଙ୍କ ଖାତା ଖୋଲିବାର ସୁବିଧା ପ୍ରଦାନ କରିବା ଲାଗି ପଦକ୍ଷେପ ନେଇଥିଲେ, ଏହାଦ୍ୱାରା ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ବ୍ୟାଙ୍କ ସେବାରୁ ବଞ୍ଚିତ, ବିଶେଷ କରି ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତକରଣ ଲକ୍ଷ୍ୟ ନେଇ ଜନଧନ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଅଧୀନରେ ଅଗଷ୍ଟ ୨୦୨୨ ସୁଦ୍ଧା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୪୬୨.୫ ନିୟୁତ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି । ଡିଜିଟାଲ ଆଧାରକୁ ବ୍ୟବହାର କରି ଭାରତ ଦ୍ରୁତ ଗତିରେ ନିଜର ଟିକା ବିତରଣକୁ ପ୍ରସାରିତ କରିବା ସହିତ ବ୍ୟାପକ ଅନ୍ତର୍ଦେଶୀୟ ପ୍ରବାସ ଭଳି ସମସ୍ୟାର ମୁକାବିଲା କରିପାରିଛି । ଭାରତର କୋୱିନ୍ ପ୍ରଯୁକ୍ତିକୁ ବ୍ୟବହାର କରି ଇଣ୍ଡୋନେସିଆ, ଫିଲିପାଇନ୍ସ, ଶ୍ରୀଲଙ୍କା ଓ ଜାମାଇକାରେ ଟିକାକରଣ କାର୍ଯ୍ୟକ୍ରମ ସଫଳ ହେବାକୁ ନେଇ ଆଇଏମଏଫ ପ୍ରଶଂସା କରିଛି ।

ଭାରତର ଡିଜିଟାଲ ପବ୍ଲିକ୍ ଇନଫ୍ରାଷ୍ଟ୍ରକଚର୍ (ଡିପିଆଇ) ସାମାଜିକ ସହାୟତାକୁ ଅଧିକ ନମନୀୟ ଓ ଅନୁକୂଳ କରିବାର ପ୍ରୟାସରେ ମଧ୍ୟ ସହାୟତା କରିପାରିବ । ଉଦାହରଣ ସ୍ୱରୂପ, ଆଧାରକୁ ରାଜ୍ୟ ରାଜ୍ୟ ମଧ୍ୟରେ ବିଭିନ୍ନ ଯୋଜନା ପାଇଁ ତଥ୍ୟ ବିନିମୟ ଲାଗି ଉପଯୋଗ କରାଯାଇପାରିବ । ଶେଷରେ ଆଇଏମଏଫ କହିଛି ଯେ, ଭାରତ ଡିପିଆଇକୁ ବ୍ୟବହାର କରି ସାଧାରଣ ସରକାରୀ ଆର୍ଥିକ ରିପୋର୍ଟର ସମୟସୀମା, ଗୁଣବତ୍ତା ଓ ପ୍ରସାରରେ ଉଲ୍ଲେଖନୀୟ ସୁଧାର ଆଣିପାରିବ, ଅନୁରୂପ ଭାବେ ନିଜ ନାଗରିକମାନଙ୍କ ପାଇଁ ଆର୍ଥିକ ପାରଦର୍ଶିତାକୁ ବଢ଼ାଇ ପାରିବ, ଯାହାକି ସରକାରୀ କ୍ଷେତ୍ରର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ଏକ ପ୍ରମୁଖ ଦିଗ ।

# ବାଲେଶ୍ୱରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ-୨୦୨୩




ବାଲେଶ୍ୱର,୭।୪(ନି.ପ୍ର): ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦ୍ଦେବ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ଚିକିତ୍ସା ସେବାର ଉନ୍ନତି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସ୍ୱାସ୍ଥ୍ୟସେବାରେ ଜଡ଼ିତ ଡାକ୍ତରଙ୍କ ସହ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା' ସାର୍ଥକ ହୋଇପାରିବ ବୋଲି ସିଡିଏମଓ ଡାକ୍ତର ଜଗଦ୍ଦେବ କହିଥିଲେ । ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ଏଥିରେ ସଭାପତିତ୍ୱ କରିବା ସହିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ସହଦେବଖଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଲମ୍ବୋଦର ବଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ସଂଯୋଜକ ଅନୀଲ କୁମାର ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଡାକ୍ତରଙ୍କ ସମେତ ନର୍ସ ଓ କର୍ମଚାରୀମାନେ ସମ୍ବେଦନଶୀଳ ହୋଇ ନିଜର ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦେଇଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ବିଭାଗର ଯୋଗାଯୋଗ ଅଧିକାରୀ ରମଣୀକାନ୍ତ ଭଞ୍ଜ ଏଥିରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ଯୋଗାଯୋଗ ଅଧିକାରୀ ଶ୍ରୀକାନ୍ତ ସେଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଶିକ୍ଷୟତ୍ରୀ ଓ ଛାତ୍ରୀଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ସମିତି ଅନ୍ତର୍ଗତ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଅୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ସକାଳେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ଭଜନ ସଂଧ୍ୟା




ବାଲେଶ୍ୱର,୭।୪(ନି.ପ୍ର): ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ସହଦେବଖୁଣ୍ଟା ଫିରିଙ୍ଗିପାଟଣା ସ୍ଥିତ ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାମନବମୀ ଉପଲକ୍ଷେ ଏକ ଭଜନସନ୍ଧ୍ୟା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଭଜନସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବାଲେଶ୍ୱରର ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ମୁଖ୍ୟବକ୍ତା ଭାବେ 'ସମାଜ' ଉତ୍ତର ଓଡ଼ିଶା ମୁଖ୍ୟ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବେ ଶ୍ରୀରାମ ଚେତନା ଜାଗରଣ ସଂଘର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଯୁବନେତା ମାନସ କୁମାର ଦତ୍ତ ଓ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଉକ୍ତ ସଭାକାର୍ଯ୍ୟକୁ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ପୋଦ୍ଦାର, ସିମନ ଦାସ ମହାପାତ୍ର, 'ଗୋପବନ୍ଧୁ ସୁଖଦୁଃଖର ସାଥୀ' ସଂସ୍ଥା, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ଏବଂ କୁନିପ୍ରତିଭା ଅମ୍ଳାନ ଦେ'ଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।ଏହି ଭଜନସନ୍ଧ୍ୟା କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଭୁପଦ ମହାନ୍ତି, ରବୀନ୍ଦ୍ର ମହାପାତ୍ର ଓ ସ୍ୱାଗତିକା ପତି ପ୍ରମୁଖ ଭଜନ ପରିବେଷଣ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ବହୁସଂଖ୍ୟାରେ ଯୋଗଦେଇ ମନଭରି ଉପଭୋଗ କରିବା ସହ ଅନୁଷ୍ଠାନର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ।

# ଗାଳ୍ପିକ ଚିନ୍ତାମଣି ସାହୁ ଓ ପତ୍ନୀ ମନୋରମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ସାରସ୍ୱତ ସମାରୋହ: ଗାଳ୍ପିକ ଚିନ୍ତାମଣିଙ୍କ ଗଳ୍ପରେ ଥିଲା ସାଧାରଣ ମଣିଷର ସ୍ୱର

ଭଦ୍ରକ, ୦୭/୦୪ (ନି.ପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ଅଧୀନ ଅଚକ ଗ୍ରାମର ଗାଳ୍ପିକ ଚିନ୍ତାମଣି ସାହୁ ଓ ତାଙ୍କ ପତ୍ନୀ ମନେରାମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ସାରସ୍ୱତ ସମାରୋହ ଶୁକ୍ରବାର ଗାଳ୍ପିକଙ୍କ ବାସବଭବନ ସୁଖ ନିବାସ ପରିସରରେ ଗାଳ୍ପିକ ସ୍ମୃତି ସଂସଦ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧାମନଗର ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟକ ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ସଭା ଉଦ୍‌ଘାଟନ ଓ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ବିଧାୟକ ସୂର୍ଯ୍ୟବଂଶୀ ଉଦ୍‌ଘାଟନୀ ଭାଷଣରେ କହିଥିଲେ ଯେ, ଗାଳ୍ପିକ ଚିନ୍ତାମଣି ସାହୁ ମାନବବାଦର କଥା କହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ବେଳେ ତାଙ୍କ ଗଳ୍ପରେ ଥିଲା ସାଧାରଣ ମଣିଷର ସ୍ୱର। ଏହି ସଭାରେ ବରେଣ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ମହାମେଘବାହନ ଐର ଖାରବେଳ ସ୍ୱାଇଁ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ତଥା ଏକାଡେମୀ ସଦସ୍ୟ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅଚକ ସରପ ପ୍ରେମଲତା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷା ତଥା ସମିତିସଭ୍ୟା ମାଧବୀଲତା ଭୋଇ ପ୍ରମୁଖ ଯୋଗଦେଇ ଗାଳ୍ପିକ ଚିନ୍ତାମଣିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଭଦ୍ରକ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁବ ଗାଳ୍ପିକ କୈଳାସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାଳ୍ପିକ ଚିନ୍ତାମଣି ସାହୁ ସ୍ମୃତି ସଂସଦର ସଦସ୍ୟ କବି ନିରଂଜନ ବାରିକ ଅତିଥିମାନଙ୍କୁ ମ ଆହ୍ୱାନ କରିଥିବା ବେଳେ ଗାଳ୍ପିକଙ୍କ ସୁପୁତ୍ର ସାମ୍ବାଦିକ ଆଲୋକ ବିକାଶ ପ୍ରିୟଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାଳ୍ପିକ ଚିନ୍ତାମଣି ସାହୁ ଗଳ୍ପ ସ୍ମୃତି ସମ୍ମାନ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କୁ, ଗାଳ୍ପିକ ଚିନ୍ତାମଣି ସାହୁ ସ୍ମୃତି ସୃଜନ ସମ୍ମାନ ଅଧ୍ୟାପକ ବିଶ୍ୱରଂଜନ ଦାସଙ୍କୁ ଓ ଗାଳ୍ପିକ ଚିନ୍ତାମଣି ସାହୁ ସାମ୍ବାଦିକ ସ୍ମୃତି ସମ୍ମା ସାମ୍ବାଦିକ ପ୍ରକାଶ ମହାପାତ୍ରଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମୃତି ପତ୍ରିକା 'ସ୍ମୃତି ଚିନ୍ତାମଣି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବି ମନୋଜ ଭୋଳ, ବିଶ୍ୱମୈତ୍ରୀ ନାୟକ ଓ ଶିକ୍ଷକ ଅଭୟ ଦାସ ମାନପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଚିନ୍ତାମଣି ଦାସ, ସାହିତ୍ୟିକ ନିରଂଜନ ନାୟକ, ବିଜୟ କୁମାର ଦାସ, ବିଭୂତି ଭୂଷଣ ସେନାପତି, ସୋମନାଥ ପାଢ଼ୀ, ନିର୍ମଳ ରାଉତ, ରମେଶ ଦାସ, ଅବନି ପ୍ରଧାନ, ଅକ୍ଷୟ ଜେନା, ସଂଗ୍ରାମ ସେନାପତି, ସୀତାଂଶୁ ଲେଙ୍କା, ଅରୂପାନନ୍ଦ ନାୟକ, ନିର୍ମଳ ସେନାପତି, ନିର୍ମଳ ଦଳେଇ, ଗୋଲକ ବୈୟାରୀ, ଶୀତଳ କୁମାର ବେହେରା, ଆଶୁତୋଷ କରଣ, ବିଶ୍ୱଜିତ୍ ବେହେରା, ଗଣେଶ ବିଶ୍ୱାଳ, ଅକ୍ଷୟ ମଲ୍ଲିକ, ମଥୁରୀମୋହନ ବେହେରା, ମନୋଜ ପାଣିଗ୍ରାହୀ, ବସନ୍ତ ଦାସ, ଜଗବନ୍ଧୁ ମହାନ୍ତି, ଭାଗବତ ସେନାପତି, ଧୀରେନ୍ଦ୍ର ସାହୁ, ସୁବାସ ଦାସ, ସୁବାସ ମହାନ୍ତି, ବିକାଶ ସେନାପତି, ନୀଳମାଧବ ସେନାପତି, ଅମୂଲ୍ୟ ସେନାପତି ପ୍ରମୁଖଙ୍କ ସହିତ ବହୁ କବି, ସାହିତ୍ୟିକ, ସମାଜସେବୀ ଉପସ୍ଥିତ ଥିଲେ। ସ୍ମୃତି କମିଟି ସଦସ୍ୟ ପ୍ରଭାତ କୁମାର ରାଉଳ, ଦେବେନ୍ଦ୍ର ମହାଳିକ, ବୁଦ୍ଧଦେବ ଜେନା, ବିସ୍ମୟ ବିହାରୀ ସାହୁ, ମନୋରଂଜନ ମୁଦୁଲି, କୁମାର ଗଙ୍ଗାଧର, ମାଧବାନନ୍ଦ ପଶୁପାଳକ, ମନୋଜ ଦାଶ, ପ୍ରକାଶ ଦାଶ, ସତ୍ୟନାରାୟଣ ନାୟକ, ଧୃବଚରଣ ପାଣିଗ୍ରାହୀ, ରମାକାନ୍ତ ନାୟକ, ସୁଧାଂଶୁ ଶେଖର ନାୟକ, ରବିନାରାୟଣ ପଣ୍ଡା, ତାପସ ନାୟକ, ବିପ୍ଳବ ବିଜୟ ପ୍ରିୟଦର୍ଶୀ, କାମିନୀଲତା ପ୍ରିୟଦର୍ଶିନୀ, ସୀମାନ୍ତ ସଂଜୟ ପ୍ରିୟଦର୍ଶୀ, ପୂଜା ପଶୁପାଳକ, ଡଲିଲତା ସାହୁ, ସଂଯୁକ୍ତ ନାୟକ, ଦେବକାନ୍ତ ଜେନା, ତାପସ ନାୟକ, ବୈକୁଣ୍ଠ ସାମଲ, ମନିଶା ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ୬୦ ରାଜପଥରେ ଅଜଣା ଟ୍ରକ ଚାପାରେ ଯୁବକ ମୃତ

ଜଳେଶ୍ୱର ୭/୪(ନିପ୍ର) : ଆଜି ପୂର୍ବାହ୍ନରେ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ବାଇପାସ୍ ନିକଟରେ ଏକ ଅଜଣା ଟ୍ରକ୍ ଚାପାରେ ଜଣେ ଯୁବକର ମୃତ୍ୟୁ ଘଟିଛି । ଜଳେଶ୍ୱର ଥାନା ଅନ୍ତର୍ଗତ ନହଞ୍ଜରା ଗାଁର ତ୍ରିଲୋଚନ ପରିଡାଙ୍କ ସାନପୁଅ ସୁରେଶ କୁମାର ପରିଡା(୩୪) ଜାତୀୟ ରାଜପଥର ଅପ୍ ଲାଇନ୍‌ରେ ଗଲାବେଳେ ପଛପଟୁ ଏକ ଅଜଣା ଟ୍ରକ୍ ତା ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାର ଅଣ୍ଟାଠାରୁ ମୁଣ୍ଡଯାଏ ରାସ୍ତାରେ ନେସି ହୋଇ ଯାଇଥିଲା। ଘଟଣା ଜଣାଯିବାପରେ ସ୍ଥାନୀୟ ଲୋକେ ପୋଲିସ୍‌କୁ ଖବର ଦେଇଥିଲେ । ଘଟଣାସ୍ଥଳରୁ ପୁଲିସ୍ ମୃତ ସରୀର ଉଦ୍ଧାର କରି ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରିଛି । ସୂଚନା ଯୋଗ୍ୟ ରାଜପଥର ଜଳେଶ୍ୱର ବାଇପାସ୍‌ରେ ଏପରି ବହୁ ଦୁର୍ଘଟଣା ଘଟୁଥିବାରୁ ଶୂନ ଦୁର୍ଘଟଣା ସପ୍ତାହ ଏକ ପ୍ରହସନରେ ପରିଣତ ହୋଇଛି ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୭।୪(ନି.ପ୍ର ): ବାଲେଶ୍ୱର ଜିଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସାମାଜିକ ନ୍ୟାୟ ସପ୍ତାହ ପାଳନ ଅବସରରେ ସଦର ବ୍ଲକର ନଗ୍ରମ ପଞ୍ଚାୟତରେ ଏକ ନିଶୁଳ୍କଃ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ଫାର୍ମ ବାଡ଼ିରେ ଆୟୋଜିତ ଏହି ଶିବିରକୁ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଦଳର ପ୍ରତିଷ୍ଠା ଦିବସର ସଂକଳ୍ପ ଅନୁଯାୟୀ ସାମାଜିକ ନ୍ୟାୟ ସପ୍ତାହ ପାଳନ ଅବସରରେ ଯୁବମୋର୍ଚ୍ଚା ପକ୍ଷରୁ ଜାରି ରହିଥିବା ବିଭିନ୍ନ ଜନହିତକର କାର୍ଯ୍ୟ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ବିଜେପି ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶବିରରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ସମ୍ପାଦକ ପର୍ଶୁରାମ ପରିଡା, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଆରସିଏମସି ସଭାପତି ସର୍ବେଶ୍ୱର ମହାନ୍ତି, ନଗ୍ରମ ସରପଞ୍ଚ ବବିତା ଭୂୟାଁ ପ୍ରମୁଖ ଯୋଗଦେଇ ବିଜେପି ପକ୍ଷରୁ ଜାରି ରହିଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଜେପି ଜେନାଲ ସଭାପତି ସର୍ବେଶ୍ୱର ବୁଗୁଡାଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ସହର ଉପକଣ୍ଠ କୁରୁଡା ସ୍ଥିତ ନିଗମ ହସପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରରେ ମେଡିସିନ୍, କ୍ରିଟିକାଲ କେୟାର, ସ୍ତ୍ରୀ ଓ ପ୍ରସୂତି ଏବଂ ଦନ୍ତ ବିଭାଗର ବିଶେଷଜ୍ଞମାନେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉପାଦେୟ ପରାମର୍ଶ ଦେଇଥିଲେ। ଏଥି ସହିତ ହସପିଟାଲ ପକ୍ଷରୁ ସମସ୍ତ ରୋଗୀଙ୍କ ନିଦାନ ବ୍ୟବସ୍ଥା ଓ ଔଷଧ ବଣ୍ଟନ କରାଯାଇଥିଲା। ପରମାନନ୍ଦ ମାହାପାତ୍ର, ବିଜୟ କୁମାର ସାହୁ, ସୁବୋଧ ଚନ୍ଦ୍ର ପଣ୍ଡା, ରବିନ୍ଦ୍ର ଜୈନ, ନାରାୟଣ ମହନ୍ତ, ସୁମନ୍ତ ଦାସ, ଆଶିଷ ଦାସ, ଅରୁପ କୁମାର ଜେନା, ଅନନ୍ଦ ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୁବମୋର୍ଚ୍ଚାର ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ଶନିବାର, ଏପ୍ରିଲ ୦୮, ୨୦୨୩

ଧ୍ୱନି ପ୍ରତିଧ୍ୱନି



## ଦିବ୍ୟାଙ୍ଗ ପିଲାଙ୍କ ଗହଣରେ ଦମ୍ପତି ପାଳିଲେ ୪୦ ତମ ବିବାହ ବାର୍ଷିକ

ଉଦଳା ତା.୦୭/୦୪(ନି.ପ୍ର)- କପ୍ତିପଦା ବ୍ଲକର ବଡ଼ବିଶୋଳ ପଂଚାୟତ ଅନ୍ତର୍ଗତ ବେଲଡ଼ିହା ଗ୍ରାମରେ ବାସିନ୍ଦା ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରୁଷତମ ମହାକୁଡ଼ ଓ ତାଙ୍କର ସହଧର୍ମିଣୀ ବାସନ୍ତି ନିଜ ବିବାହର ୪୦ ତମ ବାର୍ଷିକ ଉତ୍ସବ ଚଳିତ ବର୍ଷ ସ୍ଥାନୀୟ ଭାରତଜ୍ୟୋତି ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ପାଳନ କରିଛନ୍ତି । ଦିବ୍ୟାଙ୍ଗ ପିଲାଙ୍କ ଗହଣରେ ଦିବସ ବ୍ୟାପି ସମୟ ବିତାଇବା ସହ ତାଙ୍କର ସୁଖ ଦୁଃଖରେ ସାଥି ହୋଇଛନ୍ତି । ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରି ଈଶ୍ୱରଙ୍କ ନିକଟରେ ତାଙ୍କର ମଙ୍ଗଳ କାମନା କରିଛନ୍ତି । ସହଧର୍ମିଣୀ ବାସନ୍ତୀ ତାଙ୍କର ସ୍ୱାମୀ ପୁରୁଷତମଙ୍କୁ କହିଛନ୍ତି ଜୀବନରେ ରୋଜଗାର କରିଥିବା ଅର୍ଥରୁ ଦିବ୍ୟାଙ୍ଗ ପିଲାଙ୍କ ପାଠ ପଢ଼ା ପାଇଁ କିଛି ଖର୍ଚ୍ଚ କର, ଏଥିରେ ବହୁ ପୁଣ୍ୟ ଫଳ ମିଳିବ । ସେହିପରି ପୁରୁଷତମ ମଧ କହିଛନ୍ତି ଏହିଭଳି ମାନସିକତାର ସହଧର୍ମିଣୀଟିଏ ପାଇବା ଆଜିର ଦିନରେ ବହୁ କଷ୍ଟକର । ଆଜିର କାର୍ଯ୍ୟକ୍ରମଟି ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିବ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମୁରଲିଧର ଚାନ୍ଦ ଜଣାଇଛନ୍ତି ।



# ଭେଣ୍ଡିଂ ଜୋନରେ ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଦୋକାନୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା ପାଇଁ ଚେତାବନୀ

ନୀଳଗିରି ୭/୪(ନିପ୍ର) : ନୀଳଗିରି ଏନ.ଏ.ସି.ର ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର ଉଦାରତା ପାଇଁ ଭେଣ୍ଡିଂ ଜୋନରେ ବ୍ୟବସାୟ କରୁଥିବା ସମସ୍ତ ଦୋକାନୀମାନେ ଏନ.ଏ.ସି. ଅଫିସ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଗତ ସେପ୍ଟେମ୍ବର ମାସରେ ଏନ.ଏ.ସି.ର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟରେ ଚାଲୁଥିବା ଡେଲି ମାର୍କେଟକୁ ଉଠାଇ ଆଣି ରାର୍ଡାର ରାସ୍ତାରେ ନିର୍ମାଣଧୀନ ନୂତନ ଭେଣ୍ଡିଂ ଜୋନକୁ ସ୍ଥାନାନ୍ତରିତ କରାଯାଇଥିଲା । କୌଣସି ଦୋକାନୀ ବଡ଼ଦାଣ୍ଡ ରାସ୍ତାରେ



ବେପାର କରିପାରିବେ ନାହିଁ ବୋଲି ଏନ.ଏ.ସି. ପକ୍ଷରୁ କଡ଼ାକଡ଼ି ନିର୍ଦ୍ଦେଶ ଜାରି କରାଯାଇଥିବା ବେଳେ ଗୁଣ୍ଡିଚା ବଜାରକୁ ସିଲ କରାଯାଇଥିଲା । ସମସ୍ତ ଦୋକାନୀ ପ୍ରଶାସନ କଥାକୁ ସମ୍ମାନ ଜଣାଇ ନୂତନ ଭେଣ୍ଡିଂ ଜୋନରେ ବ୍ୟବସାୟ ଆରମ୍ଭ କରିଥିଲେ । ମାତ୍ର କିଛି ଦିନ ପରେ କିଛି ଦୋକାନୀ ଭେଣ୍ଡିଂ ଜୋନରେ ମାନ୍ଦା ବେପାରକୁ ନେଇ ପୁନଃ ସେଠାରେ ବେପାର ନ କରି ଗୁଣ୍ଡିଚା ମନ୍ଦିର ନିକଟ ସମେତ ରାସ୍ତାକଡ଼ରେ ବେପାର ଆରମ୍ଭ କଲେ । ଫଳରେ ଗ୍ରାହକମାନେ ଭେଣ୍ଡିଂ ଜୋନକୁ ନ ଯାଇ ରାସ୍ତା କଡ଼ ଦୋକାନୀ ଠାରୁ କିଣାବିକା କରିଥିଲେ । ଫଳରେ ଭେଣ୍ଡିଂ ଜୋନରେ ବ୍ୟବସାୟ ମାନ୍ଦା ହେବାକୁ ଲାଗିଲା । ଏ ନେଇ ବହୁବାର ସ୍ଥାନୀୟ ପ୍ରଶାସନକୁ ରାସ୍ତାକଡ଼ ବ୍ୟବସାୟୀଙ୍କୁ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଥିଲେ ବି କୌଣସି ସୁଫଳ ନ ମିଳିବାରୁ ଶେଷରେ ଭେଣ୍ଡିଂ ଜୋନରେ ବ୍ୟବସାୟୀମାନେ ଆଗାମୀଦିନରେ ଏନ.ଏ.ସି. ଅଫିସ ଆଗରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ ବୋଲି ଲିଖିତ ପ୍ରତିଶୃତି ନେଇଛନ୍ତି । ଭେଣ୍ଡିଂ ଜୋନରେ ଚୋରଙ୍କ ପାର୍ଦ୍ଦୁଭାବ ବଢ଼ି ଚାଲିଥିବା ବେଳେ ଗୋଟାଏ ଜେନେରେଟର, ଗୋଟିଏ ଇନର୍ଭଟର ଚୋରି ହୋଇଯାଇଛି । ଏପରି ଏନ.ଏ.ସି. ପକ୍ଷରୁ ଭେଣ୍ଡିଂ ଜୋନଟି ପରିଷ୍କାର କରାଯାଇ ନ ଥିବାର ଜଗଦିଶ କୁମାର ଦାଶ, ଚିତରଂଜନ ଜେନା, ମହେଶ୍ୱର ସାହୁ, ତ୍ରିଲୋଚନ ମହାପାତ୍ର, ପ୍ରଦୀପ ଦୃଷ୍ଟି, ରମେଶ ସାହୁ, ଚକ୍ରଧର ପ୍ରଧାନ, ମଧୁସୂଦନ ସାହୁ, ସମେତ ବହୁ ଦୋକାନୀ ଅଭିଯୋଗ କରିଛନ୍ତି ।

## ବସୁଧା ଯୋଜନାରେ ନିର୍ମାଣାଧିନ ପାଣିଟାଙ୍କି ପିଲର ଧସିଲା

ଜଳେଶ୍ୱର,୭/୪(ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆମ୍ବଲିଅଠା ଗାଁର ନିର୍ମାଣାଧିନ ବସୁଧା ଯୋଜନାରେ ପାଣିଟାଙ୍କିର ପିଲର ଗୁଡିକ ଧସି ଯାଇଛି । ନିମ୍ନ ମାନର କାର୍ଯ୍ୟ ଯୋଗୁଁ ପିଲର ଗୁଡିକ ଆଜି ଅପରାହ୍ନରେ ଧସି ପଡିବାରୁ ଗାଁ ଲୋକେ କାର୍ଯ୍ୟ ବନ୍ଦ ରଖିଛନ୍ତି । ୫୭ ରାଜ୍ୟ ରାଜପଥ ନିକଟ ଆମ୍ବଲିଅଠା ଗାଁରେ ବିଶୁଦ୍ଧ ପିଇବାପାଣି ଯୋଗାଣ ଲାଗି ଖନନ ହୋଇଥିବା ପ୍ରକଳ୍ପର ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଥିଲା । ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଏହି ପାଣି ଟାଙ୍କିର ପିଲର ଗୁଡିକ ଗତ ଗୁରୁବାର ନିର୍ମାଣ ସରିଥିବା ବେଳେ ୨୪ ଘଣ୍ଟା ନ ପୁରୁଣୁ ସବୁ ପିଲର ଗୁଡିକ ଫଡି ଯାଇଛି । ଫଳରେ ଲୁହ ରଡ ଗୁଡିକ କେବଳ ଛିଡା ହୋଇଛି । ଠିକାଦାର ନିମ୍ନ ମାନର ବାଲି, ପଥର ଓ କମ୍‌ଦାମର ସିମେଣ୍ଟବ୍ୟବହାର କରିଥିବା ଯୋଗୁଁ ଏପରି ଘଟିଥିବା ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତମ କର, ସନ୍ତୋଷ କରଙ୍କ ନେତୃତ୍ୱରେ ବହୁ ଯୁବକ ଅଭିଯୋଗ କରିଛନ୍ତି । ନିର୍ମାଣାଧିନ ପିଲର ନିକଟରେ ସୂଚନା ଫଳକ ନ ରହିବା କିମ୍ବା



କାର୍ଯ୍ୟବେଳେ ସରକାରୀ କର୍ମଚାରୀ ରହୁନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

## ବଜରଙ୍ଗ ଦଳର ସ୍ୱେଚ୍ଛାକୃତ ରକ୍ତଦାନ: ୫୩-ୟୁନିଟ ରକ୍ତ ସଂଗ୍ରହ

ବସ୍ତା ୭/୪ (ନିପ୍ର) ସଦର ବ୍ଲକ ଅଧୀନ ରୂପସା ବଜରଙ୍ଗ ଦଳ, ଜିଲ୍ଲା ରକ୍ତଦାତା ସଂଘ, ଓଡ଼ିଶା ସ୍ୱାଭିମାନ ପରିଷଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ଆଙ୍କୋ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ତପନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର କୁ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ସ୍ୱେଚ୍ଛା ରକ୍ତଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡକ୍ଟର ତପନ କୁମାର ଦାସ ଓ ଓଡ଼ିଶା ବ୍ଲଡ ବ୍ୟାଙ୍କର ଡାକ୍ତର ତାରାକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ରକ୍ତଦାନର ଆବଶ୍ୟକତା,




ଉପାଦେୟତା ଓ ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ । ଲାବୋରେଟୋରୀ ଟେକନିସିଆନ ଜଗନ୍ନାଥ ପଣ୍ଡା, ସୌଭାଗ୍ୟବତୀ ପରିଡା, ସହଯୋଗୀ ସନ୍ତୋଷ ଜେନା ଓ ଅଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୫୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ବଜରଙ୍ଗ ଦଳର ସଦସ୍ୟ ସୁଶାନ୍ତ କୁମାର ବେହେରା, ରାକେଶ କୁମାର ଦାସ, ମୃତ୍ୟୁଞ୍ଜୟ ବାରିକ, ମହେଶ୍ୱର ହାଁସଦା, ଜୀବନଜ୍ୟୋତି ଜେନା, ଅଶୋକ ବେହେରା, ଜୟପ୍ରକାଶ କର, ସମୀର କୁମାର ଜେନା ମାନସ ରଥ ଓ ପଞ୍ଚାନନ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ମୋହନ ବେହେରା, ଚନ୍ଦନ ଦାସ, ସାଗର ବେହେରା, ସତ୍ୟ ପ୍ରକାଶ ବେହେରା, ଇଂ. ଜିତେନ୍ଦ୍ର କୁମାର ଗିରି, ଜୀବନ କୃଷ୍ଣ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଇଂ. ରାକେଶ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଲୋନିସାହିର ଦୁଃଖ : ଅଙ୍ଗନୱାଡ଼ି ନାହିଁ କି ବିଦ୍ୟାଳୟ ନାହିଁ, ଜବ୍‌କାର୍ଡ଼ରେ ମିଳୁନି କାମ



ଉଦଳା ତା.୦୭/୦୪(ନି.ପ୍ର)- କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ କଲୋନିସାହିର ଦୁଃଖ କହିଲେ ନସରେ । ଉକ୍ତ ସାହିରେ ୬୦ଗୋଟି ପରିବାରର ପ୍ରାୟ ୩୦୦ରୁ ଉର୍ଦ୍ଧ ଲୋକ ବସବାସ କରନ୍ତି । ଏହି ଗ୍ରାମରେ ଅଙ୍ଗନୱାଡ଼ିକେନ୍ଦ୍ର ନଥିବାରୁ ଲୋକଙ୍କୁ ଏଠାରୁ ୫କିମି ଦୂରରେ ଥିବା ଅନ୍ୟ ଗୋଟିଏ ଗ୍ରାମର ଅଙ୍ଗନୱାଡ଼ି ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଫଳରେ ଛୋଟ ପିଲା ଓ ଗର୍ଭବତୀ ମହିଳା ମାନଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାଏ । ସେହିପରି ଗ୍ରାମରେ ପ୍ରାଥମିକ ବିଦ୍ୟାଳୟଟିଏ ମଧ୍ୟ ନାହିଁ । ସେଥିପାଇଁ ପିଲାଙ୍କୁ ପାଦରେ ଚାଲିଚାଲି ୫ କିମି ଦୂର ଯିବାକୁ ପଡ଼ିଥାଏ । ଦୂରରେ ବିଦ୍ୟାଳୟ ଥିବାରୁ ଏବଂ ଛାତ୍ରାବାସର ସୁବିଧା ନଥିବା ଯୋଗୁଁ ବହୁ ପିଲା ପାଠ ପଢ଼ା ଛାଡ଼ିଦେବାକୁ ବାଧ ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ଆଉକିଛି ପିଲାଙ୍କର କେବଳ ବିଦ୍ୟାଳୟ ଖାତାରେ ନାମ ଚଢ଼େ, ବାସ୍ତବରେ ସେମାନେ ବିଦ୍ୟାଳୟ ନଯାଇ ଅନ୍ୟାନ୍ୟ କାମ ଧନ୍ଦାରେ ବ୍ୟସ୍ତ ରୁହନ୍ତି । ଗ୍ରାମର ପ୍ରାକୃତିକ ପରିବେଶ ଖୁବ୍ ସୁନ୍ଦର । ପଶ୍ଚିମ ଦିଗରେ 'ଶମୀବୃକ୍ଷ', ପୁର୍ବରେ 'କାଳବନ୍ଧ' ପର୍ଯ୍ୟଟନ କ୍ଷେତ୍ର ଅବସ୍ଥିତ । ତେଣୁ ଏଠାକୁ ବର୍ଷ ସାରା ବାହାରୁ ପର୍ଯ୍ୟଟକ ମାନେ ଆସିଥାନ୍ତି । ପଇସା ରୋଜଗାର ପାଇଁ ବେସ ସୁନ୍ଦର ଭିତିଭୂମି ଥିବା ସ୍ୱତେ ସ୍ଥାନୀୟ ବାସିନ୍ଦାଙ୍କର ଆର୍ଥିକ ଅବସ୍ଥା କାହିଁକି ସ୍ୱଛଳ ନୁହେଁ ତାହା ଅନେକଙ୍କ ମନରେ ପ୍ରଶ୍ନ ଉଠୁଛି । ବହୁ ଲୋକଙ୍କର ଜବ୍ କାର୍ଡ଼ ନାହିଁ , ଯେଉଁ ଅଳ୍ପକିଛି ଲୋକଙ୍କ ନାମରେ ଜବ୍ କାର୍ଡ଼ ଅଛି ସେମାନଙ୍କୁ କାମ ମିଳୁନଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା ଅନେକ ଗୁଡ଼ିଏ ପରିବାର ପାଇବାରୁ ବଂଚିତ ଅଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟରେ ଯେତେ ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ଗ୍ରାମବାସୀ ମାନେ ଜଣାଇଛନ୍ତି । ନିଶା ଦ୍ରବ୍ୟ ସେବନ ଏଠାକାର ଗ୍ରାମର ଉନ୍ନତିର ସବୁଠାରୁ ବଡ଼ ବାଧକ ସାଜିଛି । ୯୮ ପ୍ରତିଶତ ଲୋକ ଏଠାରେ ମଦ୍ୟପାନ କରନ୍ତି । ତେଣୁ ସନ୍ଧ୍ୟା ପରେ ଏଠାକୁ ଆସିବା ପାଇଁ ଆଦୌ କେହି ନିରାପଦ ମଣନ୍ତି ନାହିଁ । ମଦ୍ୟପ ପୁରୁଷ ଲୋକଙ୍କ ଅତ୍ୟାଚାରରେ ମହିଳା ମାନେ ସବୁଠାରୁ ଅଧିକ ମାତ୍ରାରେ ଯନ୍ତ୍ରଣା ଅନୁଭବ କରୁଥିବାର ଜଣାଯାଏ । ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ'ର ସଦସ୍ୟ ମାନେ ଚଳିତ ଏପ୍ରିଲ ୬ ତାରିଖ ଗୁରୁବାର ଦିନ ଏହି ଗ୍ରାମକୁ ପରିଦର୍ଶନରେ ଆସିଥିବା ସମୟରେ ଗ୍ରାମବାସୀ ମାନେ ଏହି ସମସ୍ୟା ଗୁଡ଼ିକ ଜଣାଇଛନ୍ତି ।

## ମାଙ୍କଡ଼ ଆକ୍ରମଣରେ ବୃଦ୍ଧା ଗୁରୁତ୍ୱର

ଲଙ୍ଗଳେଶ୍ୱର-୭/୪ (ନିପ୍ର) ସ୍ଥାନୀୟ ଲଙ୍ଗଳେଶ୍ୱର ଏବଂ ଏହାର ଆଖ ପାଖ ଅଞ୍ଚଳରେ ମାଙ୍କଡ଼ ମାନଙ୍କର ଉପଦ୍ରବ ବଢ଼ିବାରେ ଲାଗିଛି । ପ୍ରତିଦିନ କିଛି ନା କିଛି ଅଘଟଣ ଘଟାଇବାରେ ଲାଗିଛନ୍ତି । ଆଜି ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମର ସ୍ୱର୍ଗତ ଭାନୁ ଚରଣ ମହାନ୍ତିଙ୍କ ସ୍ତ୍ରୀ ବାସନ୍ତୀ ଲତା ମହାନ୍ତିଙ୍କ ବାଡ଼ିରେ କିଛି ମାଙ୍କଡ଼ ପଶି ଉପଦ୍ରବ କରୁଥିଲେ । ଘରେ କେହି ପୁରୁଷ ଲୋକ ନ ଥିଲେ ।ବାସନ୍ତୀ ଘର ବାରଣ୍ଡାରେ ବସିଥିବା ବେଳେ ଏକ ଦନ୍ତା ମାଙ୍କଡ଼ ଆସି ଏହି ସତୁରି ବର୍ଷର ବୃଦ୍ଧାଙ୍କୁ ଆକ୍ରମଣ କରି ଦେହ ସାରା ଆମ୍ପୁଡି, କାମୁଡି କ୍ଷତ ବିକ୍ଷତ କରିଦେଇଥିଲା । ଝିଅ କାବେରୀ ପାଟି କରିବାରୁ ପାଖ ପଡିସା ଦୌଡ଼ି ଆସି ବାରୁ ମାଙ୍କଡ଼ ଛାଡି ପଳାଇଥିଲା । ରୋଗୀକୁ ଚିକିତ୍ସା ପାଇଁ ବସ୍ତା ହସ୍ପିଟାଲକୁ ନିଆଯାଇଥିଲା ।ରୋଗୀ ଗୁରୁତ୍ୱର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତେବେ ଏଠାରେ ପ୍ରକାଶ ଯେ ମଙ୍କଡ଼ଙ୍କ ଉପଦ୍ରବ ଦିନକୁ ଦିନ ବଢିବାରୁ ଲୋକେ ନିଜ ବାଡ଼ିରେ ଆଉ ପନି



ପରିବା ଚାଷ ବନ୍ଦ କରିଦେଲେଣି । ଛୋଟ ଛୋଟ ପିଲା ମାନେ ରାସ୍ତାଘାଟ କୁ ବାହାରିବା ସମ୍ଭବ ହେଉନାହିଁ ।ଏକୁଟିଆ ମଣିଷ ରହିବା ସମ୍ଭବ ହେଉନାହିଁ । ସ୍ଥାନୀୟ ବନ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଠାରେ ବାରମ୍ବାର ଦାବି କରୁଥିଲେ ହେଁ ଏଯାଏ କିଛି ସୁଫଳ ମିଳିନି । ତେବେ ବନାଧିକାରୀ ଶଶି ମହାନ୍ତି ଙ୍କୁ ପଚାରିବାରୁ ସେ କହିଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ପଦକ୍ଷେପ ଗ୍ରହଣ କରାଯିବ ।

# ବାଲେଶ୍ୱରରେ ପ୍ରଭୁଯୀଶୁଙ୍କର ବଳିଦାନର ପର୍ବ ଶୁଭ ଶୁକ୍ରବାର




ବାଲେଶ୍ୱର,୭।୪(): ପ୍ରଭୁ ଯୀଶୁଙ୍କ ବଳିଦାନର ଦିବସ ଭାବେ ସମଗ୍ର ବିଶ୍ୱରେ ପବିତ୍ର ଶୁକ୍ରବାର ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ପରିଲକ୍ଷିତ ହୋଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଶ୍ରୀକଣ୍ଠପୁର କ୍ୟାଥୋଲିକ ପଢ଼ା ଷ୍ଟାରକ୍ଲବ ନିକଟରୁ ପ୍ରଭୁଙ୍କର କ୍ରୁଶଯାତ୍ରା ବା ଯାତନାର ଯାତ୍ରା ଆରମ୍ଭ ହୋଇଥିଲା । ଏହି ଯାତ୍ରା ସହର ପରିକ୍ରମା ସହ ସ୍ଥାନୀୟ ଚର୍ଚ୍ଚରେ ପହଞ୍ଚିଥିଲା । ମୌଳବାଦୀଙ୍କ ଦ୍ୱାରା ପ୍ରଭୁ ଯୀଶୁଙ୍କୁ ଦିଆଯାଇଥିବା ନିର୍ଯାତନାର ୧୪ ଗୋଟି ସ୍ୱରୂପ ରାସ୍ତାପାର୍ଶ୍ୱରେ ସ୍ଥାପିତ ହୋଇଥିଲା । ଏହି ଶୋଭାଯାତ୍ରା ପ୍ରତିଟି ସ୍ୱରୂପ ନିକଟରେ ଅଟକିବା ସହ ପ୍ରଭୁଯୀଶୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା । ଏହି ଯାତ୍ରା ଚର୍ଚ୍ଚରେ ପହଞ୍ଚିବା ପରେ ସେଠାରେ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ଡାଇଓସିସ୍‌ର ମୁଖ୍ୟ ପ୍ରଶାସକ ଫାଦର ଆଇଜାକ ପୁତନାଙ୍ଗଡି ଏଥିରେ ଯୋଗଦେଇ ମାନବ ସମାଜର ଉଦ୍ଧାର ପାଇଁ ପ୍ରଭୁ ଯୀଶୁ ଯାତନା ସହିବାକୁ ପଛାଇ ନଥିଲେ ବୋଲି କହିଥିଲେ । ପ୍ରଭୁଯୀଶୁଙ୍କ ଯାତନାର ଦିବସକୁ ସମଗ୍ର ବିଶ୍ୱରେ ପୁଣ୍ୟ ଶୁକ୍ରବାର ଭାବେ ପାଳିତ ହୋଇଆସୁଛି ବୋଲି ବାଲେଶ୍ୱର ଧର୍ମମଣ୍ଡଳୀ ପରିଚାଳକ ଫାଦର ସାଜି ଯୋଶେଫ ପ୍ରକାଶ କରିଥିଲେ । ଫାଦର ଲିଜୋ, ଫାଦର ଜର୍ଜ ପ୍ରମୁଖ କ୍ୟାଥୋଲିକ ଚର୍ଚ୍ଚର ଫାଦର, ସିଷ୍ଟର ଓ ଧର୍ମମଣ୍ଡଳର ଯୁବଗୋଷ୍ଠୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶ୍ରୀକଣ୍ଠପୁରର ଯୁବକ ଯୁବତୀମାନେ ଏହି ପୁଣ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପଦ୍ମ ପୁରସ୍କାର ବିଜେତାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୦୭/୦୪ : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଔଷଧୀୟ ବୃକ୍ଷରାଜିକୁ ସଂରକ୍ଷଣ କରୁଥିବା ପଟ୍ଟାୟତ ସାହୁଙ୍କୁ ଶୁକ୍ରବାର ନୂଆଦିଲ୍ଲୀ ଠାରେ ଭେଟିଛନ୍ତି । ଏସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ; ନୂଆଦିଲ୍ଲୀ ଠାରେ ସମ୍ମାନଜନକ 'ପଦ୍ମଶ୍ରୀ' ପୁରସ୍କାରପ୍ରାପ୍ତ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଔଷଧୀୟ ବୃକ୍ଷରାଜିକୁ ସଂରକ୍ଷଣ କରୁଥିବା ପଟ୍ଟାୟତ ସାହୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଲି । ଉଭୟ ଆମ ରାଜ୍ୟ ଓ ଦେଶ ପାଇଁ ଗୌରବ । ଓଡ଼ିଆ ସାହିତ୍ୟକୁ ଆଗକୁ ନେବାରେ ଡ. ମିଶ୍ରଙ୍କ ପ୍ରଚେଷ୍ଟା ଏବଂ ଔଷଧୀୟ ବୃକ୍ଷ ରୋପଣ କରୁଥିବା ଶ୍ରୀ ସାହୁ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛନ୍ତି । ଏହି ଅସାଧାରଣ କୃତିତ୍ୱରୁ ଏକବିଂଶ ଶତାବ୍ଦୀର ଯୁବପିଢି ଅନୁପ୍ରାଣିତ ହେବେ ବୋଲି ମୋର ବିଶ୍ୱାସ ।

## ବଢୁଛି କରୋନା ସଂକ୍ରମଣ: ପୁଡୁଚେରୀର ସାର୍ବଜନୀନ ସ୍ଥାନରେ ମାସ୍କ ପିନ୍ଧିବା ହେଲା ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୦୭/୦୪ : ପୁଡୁଚେରୀରେ ବଢୁଛି କରୋନା ସଂକ୍ରମଣ । ଏନେଇ ଆଗୁଆ ସର୍ତକ ହୋଇଛନ୍ତି ରାଜ୍ୟ ସରକାର । ପୁଡୁଚେରୀର ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧା ବାଧ୍ୟତାମୂଳକ କରାଯାଇଛି । ସଂକ୍ରମଣ ବୃଦ୍ଧି ପରେ ଏଭଳି ନିଷ୍ପତି ନିଆଯାଇଛି । ସ୍କୁଲରେ ଶିକ୍ଷକ ଓ ଛାତ୍ରଙ୍କ ପାଇଁ ମଧ ମାସ୍କ ବାଧ୍ୟତାମୂଳକ କରାଯାଇଛି । ଦେଶରେ ଏବେ ଲଗାତର କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏଥିପ୍ରତି ସବୁ ରାଜ୍ୟକୁ ସର୍ତକ କରାଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ।

## ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି ,୭/୪(ନିପ୍ର) :ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ସବ୍ୟସାଚୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ବହୁ ଯୁବଗୋଷ୍ଠୀ, ବହୁ ସମାଜସେବୀମାନେ ସମେତ ବିଭିନ୍ନ ବର୍ଗର ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ । ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବକୁ ଅତି ସରସ ସୁନ୍ଦର କରାଯିବା ପାଇଁ ସମସ୍ତଙ୍କର ମତାମତ ନିଆଯାଇଥିଲା । ଏହି ମହୋତ୍ସବରେ ବଲିଉଡ ଓ ହଲିଉଡର ନାମୀଦାମୀ କଳାକାର ସମେତ ମୀନା ବଜାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆସନ୍ତା ମେ' ମାସ ପ୍ରଥମ ପ୍ରଥମ ସପ୍ତାହର ୩ଦିନ ପାଇଁ କରାଯିବାର ନିଷ୍ପତି ନିଆଯାଇଛି । ଜାତି ଧର୍ମ ବର୍ଣ୍ଣ




ରାଜନୀତିରୁ ଉର୍ଦ୍ଧ୍ୱରେ ରହି ନିଆରା ଢ଼ଙ୍ଗରେ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ଚୁଡ଼ାନ୍ତ ନିଷ୍ପତି ନିଆଯାଇଅଛି । ୨୫ଜଣ ସଦସ୍ୟଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଛି ।ଏହି ପ୍ରସ୍ତୁତି ବୈଠକରେ ଶରତ ଦାସ, ଉଦୟଜ୍ୟୋତି ମହାନ୍ତି, ଶୁଭେନ୍ଦୁ ଦାସ ମଙ୍ଗରାଜ, ଦୀପକ ରଂଜନ ଦାସ, ବିଦ୍ୟାଧର ଖଟୁଆ, ଅଚ୍ୟୁତ ପ୍ରଧାନ, ରାମଚନ୍ଦ୍ର ଦାସ, ବୁଦ୍ଧ ଦେବ ସରକାର, ବିଜୟ ଲେଙ୍କା, ଲକ୍ଷ୍ମୀଧର ବାରିକ, ନିଗମ ମହାପାତ୍ର, ମାନଗୋବିନ୍ଦ ସିଂ ସମେତ ବହୁ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo